

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈଜ୍ଞାନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 Issue No:73 5 July 2026 (Sunday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୭୩ ୫ ଜୁଲାଇ ୨୦୨୬ (ରବିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬


## ଓମ୍‌ସା ସହିତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବୈଠକ ପରେ ନିଷ୍ପତି

### ଡାକ୍ତର ଆନ୍ଦୋଳନ ସ୍ଥଗିତ



ଭୁବନେଶ୍ୱର,୪/୭(ନି/ପ୍ର): ଦଶ ଦଫା ଦାବି ନେଇ ଗତ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଡାକ୍ତର ଆନ୍ଦୋଳନ ଆଜି ଚତୁର୍ଥ ଦିନରେ ସ୍ଥଗିତ ହୋଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସହିତ ପ୍ରାୟ ସାଢ଼େ ୩ ଘଣ୍ଟା ଆଲୋଚନା କଲା ପରେ ଡାକ୍ତରମାନେ ଆନ୍ଦୋଳନ ସ୍ଥଗିତ ନିଷ୍ପତି ନେଇଛନ୍ତି। ଆଜି ଠାରୁ ଡାକ୍ତରମାନେ ନିଜ କର୍ମକ୍ଷେତ୍ରରେ ଯୋଗ ଦେବେ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ନେଇ ଓମ୍‌ସା ପକ୍ଷରୁ ମଧ୍ୟ କୁହାଯାଇଛି ଯେ, ଆଲୋଚନା ପରେ ଡାକ୍ତର ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଆଲୋଚନା ସମୟରେ ଓମ୍ ?ସାର ଦାବି ନେଇ ଉଚ୍ଚସ୍ତରୀୟ କମିଟି ଗଠନ ନିଷ୍ପତି ହୋଇଛି। କମିଟିରେ ସ୍ୱାସ୍ଥ୍ୟ, ଜିଏ, ଅର୍ଥ, ଆଇନ ସଚିବ ସ୍ଥାନିତ ହୋଇଛନ୍ତି। ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ। ସୂଚନାଯୋଗ୍ୟ, ବିଭିନ୍ନ ପ୍ରସଙ୍ଗ ଉପରେ ଦାବି କରି ଡାକ୍ତରମାନେ ଗତ ୧ ତାରିଖ ଠାରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ଗତ ଗୁରୁବାର ଦିନ ବିଳମ୍ବିତ ରାତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି ସରକାରଙ୍କ ସହ ଆଲୋଚନାରେ ସାମିଲ ହେବାକୁ ଅନୁରୋଧ କରାଯାଇଥିଲା। ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଓମ୍‌ସା ପ୍ରତିନିଧିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ତରଫରୁ ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଥିଲା। ସରକାର ପୂର୍ବରୁ ଡାକ୍ତରଙ୍କ ବହୁ ଦାବିକୁ ଗ୍ରହଣ କରି ସେମାନଙ୍କ କ୍ୟାଡର ପୁନର୍ଗଠନ, ଡିଏସିପି, ସ୍ୱତନ୍ତ୍ର ପ୍ରୋତ୍ସାହନ ଭତ୍ତା ଓ ସ୍ଥାନଭିତ୍ତିକ ଭତ୍ତା ପରି ବିଭିନ୍ନ ସୁବିଧା ଲାଗୁ କରିଛନ୍ତି। ଡାକ୍ତରଙ୍କ ଉଚ୍ଚଶିକ୍ଷା ପାଇଁ ସରକାର ଅନେକ ସୁବିଧା କରିଛନ୍ତି।

## କଂଗ୍ରେସରେ କଳହ !

### ରାହୁଲ ଭାରତ ଫେରିବା ପରେ ହୋଇପାରେ ଫାଟ ?



ଚଣ୍ଡୀଗଡ,୪।୭: ପଞ୍ଜାବ କଂଗ୍ରେସରେ ନିକଟରେ ହୋଇଥିବା ସଂଗଠନାତ୍ମକ ପରିବର୍ତ୍ତନ ପରେ ପାର୍ଟି ଭିତରେ କଳହ ଓ ବିଦ୍ରୋହ ବଢିଯାଇଛି। ଅମରିନ୍ଦର ସିଂହ ରାଜା ୱାଡିଙ୍ଗଙ୍କୁ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ (ପିସିସି ଚିଫ୍) ପଦରେ ବଜାୟ ରଖିବା ନେଇ ଅସନ୍ତୁଷ୍ଟ ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂହ ଚନ୍ନି ମୋରିଣ୍ଡା ସ୍ଥିତ ନିଜ ବାସଭବନରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ସେଭଳି ଅନ୍ୟପକ୍ଷେ କଂଗ୍ରେସ ସାଂସଦ ସୁଖଜିନ୍ଦର ସିଂହ ରନ୍ଧାୱାଙ୍କ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ସାକ୍ଷାତ ରାଜନୈତିକ ଅସ୍ଥିରତା ସୃଷ୍ଟି କରିଛି। ସେଭଳି ଅନ୍ୟପକ୍ଷେ କଂଗ୍ରେସ ସାଂସଦ ସୁଖଜିନ୍ଦର ସିଂହ ରନ୍ଧାୱା ଏହାକୁ ସମ୍ପୂର୍ଣ୍ଣ ଭାବରେ ଅଣ ରାଜନୈତିକ ସାକ୍ଷାତ ବୋଲି କହିଛନ୍ତି। ଆଗାମୀ ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ପଞ୍ଜାବ କଂଗ୍ରେସରେ ଏହି ଅସନ୍ତୋଷ ପ୍ରଥମ ଖୋଲା ପ୍ରଦର୍ଶନ। ଚନ୍ନିଙ୍କ ଘରେ ପ୍ରାୟ ୪ ଘ[। ପର୍ଯ୍ୟନ୍ତ ଚାଲିଥିବା ଏହି ବେ ?ଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ୬୦ ରୁ ଅଧିକ ନେତା ସାମିଲ ହୋଇଥିଲେ। ଯାହାଙ୍କ ଭିତରେ ନିକଟରେ ଗଠିତ ନିର୍ବାଚନ କମିଟିର ବହୁସଦସ୍ୟ ଓ ୨୦ ରୁ ଅଧିକ ପୂର୍ବ ଓ ବର୍ତ୍ତମାନର ବିଧାୟକ ଥିଲେ। ପ୍ରମୁଖ ନେତାଙ୍କ ଭିତରେ ପୂର୍ବତନ ମନ୍ତ୍ରୀ ତୃପ୍ତ ରାଜିନ୍ଦର ବାଜୱା, ସୁଖବିନ୍ଦର ସରକାରିୟା, ଓପି ସୋନି, ଭରତ ଭୂଷଣ ଆଶୁ ଓ ପରମିନ୍ଦର ପାଲ୍ ପିଙ୍କି ସାମିଲ ଥିଲେ। ଏହାଛଡା ଦିବଂଗତ ଗାୟକ ସିଦ୍ଧୁ ମୁସେୱାଲଙ୍କ ବାପା ବଲକୌର ସିଂହ ମଧ୍ୟ ବେ ?ଠକରେ ପହଁଚିଥିଲେ। ଏକ ରିପୋର୍ଟ ଅନୁସାରେ, ନିର୍ବାଚନ କମିଟିରେ ସାମିଲ ବହୁ ଅସନ୍ତୁଷ୍ଟ ନେତା ଆଗାମୀ ସପ୍ତାହରେ ବିଦେଶରୁ ଫେରିବା ପରେ ରାହୁଲ ଗାନ୍ଧୀଙ୍କୁ ଭେଟିବାର ସମୟ ମାଗୁଥିଲେ। ବେ ?ଠକ ପରେ ଚରଣଜିତ ସିଂହ ଚନ୍ନି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି କହିଛନ୍ତି କଂଗ୍ରେସ ନେତାମାନେ ତାଙ୍କୁ ପଞ୍ଜାବର ଲୋକଙ୍କ ଭାବନାକୁ ଶୀର୍ଷ ନେତୃତ୍ୱ ଆଗରେ ରଖିବାର ଦାୟିତ୍ୱ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ତୃପ୍ତ ବାଜୱ ସ୍ପଷ୍ଟ କରିଛନ୍ତି ଯେ, ପାର୍ଟିର ବିଜୟ ପାଇଁ ଆମେ ସମ୍ପୂର୍ଣ୍ଣ ଶକ୍ତି ଲଗାଇଦେବାକୁ ପ୍ରସ୍ତୁତ, କିନ୍ତୁ ପଞ୍ଜାବ କଂଗ୍ରେସ କମିଟିର ଲିଷ୍ଟ ଉପରେ ନିକଟରେ ପୁନଃ ବିଚାର ହେବା ଦରକାର।

## ମମତାଙ୍କୁ ବଡ଼ ଝଟକା ଦେଇ ଚନ୍ଦ୍ରିମା ଛାଡିଲେ ଦଳ

କୋଲକାତା,୪/୭: ତୃଣମୂଳ କଂଗ୍ରେସରେ ସଙ୍କଟ ଜାରି ରହିଛି। ମମତା ବାନାର୍ଜୀଙ୍କୁ ପୁଣି ଶକ୍ତ ଝଟକା ଲାଗିଛି। ଦଳର ବରିଷ୍ଠ ନେତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ତୃଣମୂଳର ରାଜ୍ୟ ସଭାପତି ପଦ ସମେତ ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ମମତା ବାନାର୍ଜୀଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି ଯେ, ସେ ଜୁନ୍ ୩ ତାରିଖରେ ତାଙ୍କୁ ଯେଉଁ ପଦବୀରେ ନିଯୁକ୍ତ କରାଯାଇଥିଲା ସେହି ପଦବୀ ସହିତ ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଉଛନ୍ତି। ଚନ୍ଦ୍ରିମା ବିଭିନ୍ନ ବ୍ୟାଙ୍କରେ ତୃଣମୂଳ ଏବଂ ଏହାର ବିଭିନ୍ନ ଶାଖା ସଂଗଠନ ଦ୍ୱାରା କରାଯାଇଥିବା ଆକାଉଣ୍ଟଗୁଡ଼ିକର ସ୍ୱାକ୍ଷରକାରୀ ଦାୟିତ୍ୱରୁ ମଧ୍ୟ ମୁକ୍ତି ମାଗିଛନ୍ତି। ସେ ନିର୍ବାଚନ କମିସନରେ ତୃଣମୂଳର ପ୍ରତିନିଧିତ୍ୱ କରିବା ପାଇଁ ଉତ୍ତରଦାୟୀ ଥିଲେ। ଚନ୍ଦ୍ରିମା ସେ ଦାୟିତ୍ୱ ମଧ୍ୟ ଛାଡି ଦେଇଛନ୍ତି। ଚନ୍ଦ୍ରିମାଙ୍କ ପୁଅ ସୌରଭ ବସୁ କିଛି ଦିନ ତଳେ ରତ୍ନବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ ବିଦ୍ରୋହୀ ଗୋଷ୍ଠୀରେ ଯୋଗ ଦେଇଛନ୍ତି। ଏହା ପରେ କଳ୍ପନାଜଳ୍ପନା ଉଠିଥିଲା। ପ୍ରଶ୍ନ ଉଠିଥିଲା, ତାଙ୍କ ପୁଅ ବିରୋଧୀ ଶିବିରରେ ଯୋଗ ଦେଇଥିବା ବେଳେ ତାଙ୍କ ମାଆ କେତେ ଦିନ ମମତାଙ୍କ ତୃଣମୂଳ ଶିବିରରେ ରହିବେ ? ଚନ୍ଦ୍ରିମା ଶନିବାର ମମତାଙ୍କୁ ଏକ ଚିଠି ଲେଖି ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। ଯେତେବେଳେ ରତ୍ନବ୍ରତଙ୍କୁ ଏ ବିଷୟରେ ପଚରାଗଲା, ସେ କହିଲେ, ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନିରେ, ପାନ ପତ୍ରରୁ ଚୂନ ଖସିଲେ ନାଲି ଆଖି ଦେଖିବାକୁ ମିଳୁଥିଲା। ସେହି ସଂସ୍କୃତି ଏବେ ଅତୀତର କଥା। ସେଥିପାଇଁ କେହି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନି ସହିତ ସମ୍ପର୍କରେ ରହିବାକୁ ଚାହୁଁ ନାହାନ୍ତି।



ମମତାଙ୍କ ତୃଣମୂଳ ସମର୍ଥକ ନେତା ଶୋଭନଦେବ ଚାଟାର୍ଜୀ କହିଛନ୍ତି ଯେ, ଚିଠି ନଦେଖି ସେ କିଛି କହିବେ ନାହିଁ। ଚିଠି ଏପର୍ଯ୍ୟନ୍ତ ତାଙ୍କ ପାଖରେ ପହଚିଂ ନାହିଁ। ମମତାଙ୍କ କ୍ୟାବିନେଟରେ ଚନ୍ଦ୍ରିମା ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଯଦିଓ ମମତା ରାଜ୍ୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ଥ ଏବଂ ସ୍ୱାସ୍ଥ୍ୟରେ ମନ୍ତ୍ରୀ ଥିଲେ, ଚନ୍ଦ୍ରିମା ରାଷ୍ଟ୍ରମନ୍ତ୍ରୀ ଥିଲେ। ମମତା ଚନ୍ଦ୍ରିମାଙ୍କ ବ୍ୟତୀତ କାହା ଉପରେ ଅଧିକ ଭରସା କରୁନଥିଲେ। ସେଥିପାଇଁ, କିଛି ନେତାଙ୍କ ଆପତି ସତ୍ତ୍ୱେ, ଦଳର ବିଭାଜନ ସମୟରେ ନେତା ଚନ୍ଦ୍ରିମାଙ୍କୁ ରାଜ୍ୟ ସଭାପତି ଭାବରେ ବାଛିଥିଲେ।

## ବରଯାତ୍ରୀଙ୍କୁ କାଳ ହେଲା ବଜ୍ରପାତ
## ୧ ମୃତ, ୨ ଜଣ ଗୁରୁତର

ଢେଙ୍କାନାଳ,୪/୭(ନି/ପ୍ର): ବିବାହ ଉତ୍ସବର ଖୁସି ମୁହୂର୍ତ ମଧ୍ୟରେ ଘଟିଛି ଅଘଟଣ। ବରଯାତ୍ରୀ ଦଳ କନ୍ୟା ଘରକୁ ଯାଉଥିବା ବେଳେ ବଜ୍ରପାତରେ ଜଣେ ବରଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଢେଙ୍କାନାଳ ସଦର ବ୍ଲକ୍ ଅନ୍ତର୍ଗତ ଭାପୁର ଅଚଂଳର ଚନ୍ଦ୍ରଶେଖର ପ୍ରସାଦ ଗାଁରୁ ବର ଓ ବରଯାତ୍ରୀ ଦଳ ରଞ୍ଜା ଗାଁସ୍ଥିତ କନ୍ୟା ଘରକୁ ଯାଉଥିଲେ। କନ୍ୟା ଘରଠାରୁ ଅଳ୍ପ ଦୂରରେ ଥିବାବେଳେ ହଠାତ୍ ବର୍ଷା ସହ ପ୍ରବଳ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ଏହି ସମୟରେ ତିନିଜଣ ବରଯାତ୍ରୀ ରଞ୍ଜା ଗାଁ ନିକଟରେ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ହଠାତ୍ ବଜ୍ରପାତ ଘଟିବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର କୋଇଲିପଙ୍ଗି ଗାଁର ୫୨ ବର୍ଷୀୟ ଅମିନ ବେହେରାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ତପନ ଜେନା ଓ ମନୋଜ ଦେହୁରୀଙ୍କ ଚିକିତ୍ସା ଚାଲିଥିବାବେଳେ ଗୁରୁତର ଅବସ୍ଥାରେ ଥିବା ମନୋଜ ଦେହୁରୀଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଅଘଟଣ ପରେ ବିବାହ ଘରର ଖୁସିର ପରିବେଶ ଶୋକରେ ପରିଣତ ହୋଇଛି। ଘଟଣାକୁ ନେଇ ସମଗ୍ର ଅଚଂଳରେ ଶୋକର ଛାୟା ଖେଳିଯାଇଛି।



## ଇତିହାସ ରଚିବ ଦେଶର ସବୁଠୁ ବଡ଼ ପ୍ରୋଜେକ୍ଟ

### ବୁର୍ଜ ଖଲିଫାକୁ ପଛରେ ପକାଇଲା ଏହି ମେଗା ପ୍ରକଳ୍ପ, ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ !



ରାଜସ୍ଥାନ,୪/୭: ରାଜସ୍ଥାନର ବାଲୋତ୍ରା ଜିଲ୍ଲା ପଚପଦ୍ରାଠାରେ ନିର୍ମିତ 'ଏଚପିସିଏଲ୍ ରାଜସ୍ଥାନ ରିଫାଇନାରୀ' (ଐଜଜଖ) କେବଳ ଦେଶର ଶକ୍ତି ଆବଶ୍ୟକତାକୁ ପୂରଣ କରିବ ନାହିଁ, ବରଂ ଏହା ଆଧୁନିକ ଇଞ୍ଜିନିୟରିଂ ଏବଂ ନିର୍ମାଣ ଶୈଳୀର ଏକ ଅନନ୍ୟ ଉଦାହରଣ ପାଲଟିଛି। ପ୍ରାୟ ୭୯,୪୫୯ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶରେ ପ୍ରସ୍ତୁତ ଏହି ମେଗା ପ୍ରୋଜେକ୍ଟକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦଘାଟନ କରିବାକୁ ଯାଉଛନ୍ତି। ଏହି ବିଶାଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମସ୍ତଙ୍କୁ ଚକିତ କଲାଭଳି ହୋଇଛି। ପ୍ରୋଜେକ୍ଟ ନିର୍ମାଣ ସମୟରେ ପ୍ରାୟ ୧.୫ କୋଟି ଘନ ମିଟର ମାଟି କଢ଼ାଯାଇଛି, ଯାହା ପ୍ରାୟ ୧୫ ହଜାର ଅଲିମ୍ପିକ୍ ଆକାରର ସ୍ୱିମିଂ ପୁଲ୍ ଭରିବା ସହ ସମାନ। ସରକାରୀ ତଥ୍ୟ ଅନୁସାରେ, ଏହି ଖୋଦେଇ ଇଜିପ୍ଟର ପ୍ରସିଦ୍ଧ 'ଗିଜାର ପିରାମିଡ୍' ନିର୍ମାଣଠାରୁ ପ୍ରାୟ ୬ ଗୁଣ ଅଧିକ। ଏଥିରେ ୧୬ ଲକ୍ଷ ଘନ ମିଟର କଂକ୍ରିଟ୍ ବ୍ୟବହାର କରାଯାଇଛି, ଯାହା ବିଶ୍ୱର ସବୁଠାରୁ ଉଚ୍ଚ ଅଟ୍ଟାଳିକା 'ବୁର୍ଜ ଖଲିଫା' ନିର୍ମାଣରେ ଲାଗିଥିବା କଂକ୍ରିଟ୍ ଠାରୁ ପ୍ରାୟ ୫ ଗୁଣ ଅଧିକ। ପ୍ରାୟ ୩ ଲକ୍ଷ ମେଟ୍ରିକ୍ ଟନ୍ ଷ୍ଟିଲ୍ ବ୍ୟବହାର ହୋଇଛି, ଯାହା ଆଇଫେଲ୍ ଟାୱାରର ୪୦ ଗୁଣା। ସେହିପରି ପୂରା ପରିସରରେ ୨୮ ହଜାର କିଲୋମିଟର ଲମ୍ବର କେବୁଲ୍ ବିଛାଯାଇଛି, ଯାହା ପୃଥିବୀର ବ୍ୟାସଠାରୁ ଦୁଇ ଗୁଣରୁ ଅଧିକ। ରିଫାଇନାରୀରେ ନିର୍ମିତ ୧୨୫ ମିଟର ଉଚ୍ଚ 'କୋକ୍ ଡୋମ୍' ଏହାର ସବୁଠାରୁ ବଡ଼ ଆକର୍ଷଣ, ଯାହା ପ୍ରସିଦ୍ଧ ଗୋଲ ଗୁମ୍ବଜଠାରୁ ପ୍ରାୟ ତିନି ଗୁଣ ବଡ଼। ଏହି ପ୍ରକଳ୍ପ ଦ୍ୱାରା ନିର୍ମାଣ କାର୍ଯ୍ୟ ସମୟରେ ପ୍ରାୟ ୩୫ ହଜାର ଲୋକଙ୍କୁ ପ୍ରତ୍ୟକ୍ଷ ରୋଜଗାର ମିଳିଥିବା ବେଳେ ପରିବହନ, ମେସିନାରୀ ଓ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରରେ ପ୍ରାୟ ୧ ଲକ୍ଷ ପରୋକ୍ଷ ରୋଜଗାର ସୃଷ୍ଟି ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପଶ୍ଚିମ ରାଜସ୍ଥାନରେ ପେଟ୍ରୋକେମିକାଲ୍ ଏବଂ ପ୍ଲାଷ୍ଟିକ୍ ଶିଳ୍ପର ଏକ ନୂଆ ଇକୋସିଷ୍ଟମ୍ ଗଢ଼ିଉଠିବ। ଏହାଦ୍ୱାରା ଗଝଗର, ପ୍ୟାକେଜିଂ, ଟେକ୍ସଟାଇଲ୍, ଅଟୋ ପାର୍ଟସ୍ ଏବଂ ଏଗ୍ରି-ଫିଲ୍ମସ୍ ଭଳି ଶିଳ୍ପଗୁଡ଼ିକୁ ବଡ଼ ପ୍ରୋତ୍ସାହନ ମିଳିବ। ଅନ୍ୟପଟେ, ଏହି ବହୁ ପ୍ରତୀକ୍ଷିତ ରିଫାଇନାରୀର ଉଦଘାଟନ ପୂର୍ବରୁ ଗତକାଲି ବିଳମ୍ବିତ ରାତିରେ ଏକ ବଡ଼ ଚ୍ୟାଲେଞ୍ଜ ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମ ସ୍ଥଳରେ ପ୍ରବଳ ଝଡ଼-ତୋଫାନ ଯୋଗୁଁ ସମସ୍ତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେଠାରେ ଲାଗିଥିବା ଅନେକ ବଡ଼ ବଡ଼ ହୋର୍ଡିଂ ଏବଂ ବ୍ୟାନର ଭାଙ୍ଗି ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଗତ ଏପ୍ରିଲ ୨୧ ତାରିଖରେ ଉଦଘାଟନ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା, ମାତ୍ର ରିଫାଇନାରୀ ପରିସରରେ ନିଆଁ ଲାଗିଯିବା କାରଣରୁ ତାହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ତେବେ ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ପୁଣି ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଉଛି।

## ହିମାଚଳରେ ପ୍ରବଳ ବର୍ଷା, ୩ ମୃତ



ସିମ୍‌ଲା,୪/୭: ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଲାଗି ରହିଛି। ଗୁରୁବାର ସନ୍ଧ୍ୟାରୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜନିତ ବିଭିନ୍ନ କାରଣ ପାଇଁ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଏଥିସହ ଚଳିତ ମୌସୁମୀରେ ହିମାଚଳରେ ମୋଟ୍ ୧୨ ଜଣଙ୍କର ମୃତ୍ୟୁ ହେଲାଣି। କାଙ୍ଗ୍ରା ଏବଂ ସିମ୍‌ଲା ଜିଲ୍ଲାରେ ବିଦ୍ୟୁତ୍ ଆଘାତରେ ଜଣେ ଲେଖାଏ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ ମଣ୍ଡି ଜିଲ୍ଲାରେ ଉଚ୍ଚ ସ୍ଥାନରୁ ପଡ଼ି ଅନ୍ୟ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ବର୍ଷା ଯୋଗୁ ହିମାଚଳରେ ଏଯାବତ ୧୫୨୭ ଲକ୍ଷ ଟଙ୍କାର କ୍ଷୟକ୍ଷତି ହେଲାଣି। ବର୍ଷା ଯୋଗୁ ରାଜ୍ୟରେ ଅନେକ ରାସ୍ତା ବନ୍ଦ ରହିଛି। ରାଜ୍ୟ ଇମର୍ଜେନ୍ସି ଅପରେସନ୍ କେନ୍ଦ୍ର ଅନୁଯାୟୀ କୁଲ୍ଲୁରେ ୩୦ ରାସ୍ତା ବନ୍ଦ ଥିବାବେଳେ ଚାମ୍ବାରେ ୧୦, ସିରମୋରରେ ୩, ଲାହଲ ଏବଂ ସ୍ପିଟି, ମଣ୍ଡି ଏବଂ ଉନା ଜିଲ୍ଲାରେ ୨ ଲେଖାଏ ରାସ୍ତା ବନ୍ଦ ରହିଛି। ଚାମ୍ବା ଜିଲ୍ଲାରେ ଭାରମୋର ସବ୍ ଡିଭିଜନ୍‌ରେ ବୁଧବାର ଠାରୁ ଫସି ରହିଥିବା ପ୍ରାୟ ୨୪ ତୀର୍ଥଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ସନ୍ଧ୍ୟାରୁ ହିମାଚଳରେ ବିଭିନ୍ନ ଅଂଶରେ ପ୍ରବଳ ବର୍ଷା ଲାଗି ରହିଛି। ଶିମଲା ଏବଂ ସୁନ୍ଦରନଗରରେ ଝଡ଼ତୋଫାନ ଏବଂ ବଜ୍ରପାତ ହୋଇଛି।

## ଟ୍ରମ୍ପ-ନେତାନ୍ୟାହୁ ଫୋନରେ କଥା ହେଲେ :
## ଶୀଘ୍ର ଆମେରିକାରେ ସାକ୍ଷାତ କରିବାକୁ ରାଜି



ଜେରୁସାଲେମ,୪/୭: ଇସ୍ରାଏଲପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ଅନୁଯାୟୀ, ଶୁକ୍ରବାର ଦିନ ଫୋନ୍ ମାଧ୍ୟମରେ ଆଲୋଚନା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟ ଭବିଷ୍ୟତରେ ଆମେରିକାରେ ସାକ୍ଷାତ କରିବାକୁ ରାଜି ହୋଇଛନ୍ତି। ପଶ୍ଚିମ ଏସିଆରେ ଚାଲିଥିବା କୂଟନୈତିକ କାର୍ଯ୍ୟକଳାପ ଏବଂ ଆଚଂଳିକ ସଂଘର୍ଷର ଅନ୍ତ ପାଇଁ ପ୍ରୟାସକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ମତଭେଦର ସମ୍ପ୍ରତି ରିପୋର୍ଟ ପରେ ଏହି ଘୋଷଣା କରାଯାଇଛି। ପିଏମଓ ଅନୁଯାୟୀ, ନେତାନ୍ୟାହୁ ଆମେରିକାର ପ୍ରତିଷ୍ଠାର ଆଗାମୀ ୨୫୦ତମ ବାର୍ଷିକୀରେ ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ୱାସିଂଟନ ଏବଂ ଜେରୁସାଲେମ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ପ୍ରଶଂସା କରିଥିଲେ। ବିବୃତି ଅନୁଯାୟୀ, ଆମେରିକା ହେଉଛି ବିଶ୍ୱର ସ୍ୱାଧୀନତା ସୁନିଶ୍ଚିତ କରେ, ଏବଂ ଇସ୍ରାଏଲ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ନିବିଡ଼ ସମ୍ପର୍କକୁ ବହୁତ ପ୍ରଶଂସା କରେ ବୋଲି ନେତାନ୍ୟାହୁ ଆଲୋଚନା ସମୟରେ କହିଥିଲେ। ପିଏମଓ ଆହୁରି ମଧ୍ୟ କହିଛି ଯେ, ଉଭୟ ନେତା ଆମେରିକାରେ ଶୀଘ୍ର ଏକ ବ୍ୟକ୍ତିଗତ ବୈଠକ କରିବାକୁ ରାଜି ହୋଇଛନ୍ତି। ଯଦିଓ ଏନେଇ କୌଣସି ତାରିଖ କିମ୍ବା ସ୍ଥାନ ଘୋଷଣା କରାଯାଇ ନାହିଁ। ଏହି ଫୋନ୍ କଲ୍‌କୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି, କାରଣ ଗତ କିଛି ସପ୍ତାହ ମଧ୍ୟରେ ଟ୍ରମ୍ପ ଏବଂ ନେତାନ୍ୟାହୁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ରିପୋର୍ଟ ଲଗାତାର ପ୍ରକାଶ ପାଇଥିଲା। ୱାସିଂଟନ୍ ଇସ୍ରାଏଲର ସବୁଠାରୁ ନିକଟତମ ସହଯୋଗୀ ହୋଇଥିଲେ ମଧ୍ୟ, ଇରାନ ସହିତ ସଂଘର୍ଷର ଅନ୍ତ ଏବଂ ବ୍ୟାପକ ଆଚଂଳିକ ଉତ୍ତେଜନା ହ୍ରାସ ପ୍ରୟାସ ଉପରେ ଦୁଇ ନେତାଙ୍କ ମଧ୍ୟରେ ମତଭେଦ ଥିବା ଖବର ପ୍ରକାଶ ପାଇଥିଲା। ଟ୍ରମ୍ପ ଇସ୍ରାଏଲର କିଛି ସାମରିକ କାର୍ଯ୍ୟାନୁଷ୍ଠାନ , ବିଶେଷକରି ଲେବାନନରେ ହୋଇଥିବା ଅପରେସନଗୁଡ଼ିକ ଉପରେ ମଧ୍ୟ ସାର୍ବଜନୀନ ଭାବରେ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଇରାନ ସହିତ ଆମେରିକାର କୂଟନୈତିକ ସ୍ଥିତି ଜଟିଳ ହୋଇଥିବା ଦେଖାଯାଉଥିଲା। ଏହି ରିପୋର୍ଟ ସତ୍ତ୍ୱେ, ଉଭୟ ପକ୍ଷର ଅଧିକାରୀମାନେ କହିଛନ୍ତି ଯେ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ରଣନୈତିକ ସହଭାଗୀତା ଦୃଢ଼ ରହିଛି ଏବଂ ପ୍ରମୁଖ ଆଚଂଳିକ ପ୍ରସଙ୍ଗଗୁଡ଼ିକରେ ଘନିଷ୍ଠ ସମନ୍ୱୟ ଜାରି ରହିଛି। ଆଗାମୀ ବୈଠକ ଦୁଇ ନେତାଙ୍କୁ ଇରାନରେ ଘଟୁଥିବା କ୍ଷେତ୍ରୀୟ ସ୍ଥିତିରେ ବିକାଶ, ଗାଜାରେ ସଂଘର୍ଷ, ଆଚଂଳିକ ସୁରକ୍ଷା ଏବଂ ଚାଲିଥିବା କୂଟନୈତିକ ପଦକ୍ଷେପ ବିଷୟରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

## 'ଏଲ୍ ନିନୋ' ପ୍ରଭାବ :
## ସମ୍ଭାବ୍ୟ ମରୁଡ଼ି ନେଇ ତନାଘନା, ସମୀକ୍ଷା କଲେ ଅମିତ ଶାହ



ନୂଆଦିଲ୍ଲୀ,୪/୭: ଚଳିତ ବର୍ଷ ଜୁନ୍ ମାସରେ ଦେଶରେ ସ୍ୱାଭାବିକଠାରୁ ଅତ୍ୟନ୍ତ କମ୍ ବର୍ଷା ରେକର୍ଡ ହେବା ଏବଂ ଜୁଲାଇରେ ମଧ୍ୟ ସ୍ୱଳ୍ପ ବର୍ଷା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ ପରେ କେନ୍ଦ୍ର ସରକାର ସତର୍କତା ଅବଲମ୍ବନ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ମରୁଡ଼ି ସ୍ଥିତି ଏବଂ ଏହାର ପ୍ରତିକାର ନେଇ ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। କୃଷି, ଜଳସମ୍ପଦ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ସମ୍ପୃକ୍ତ ମନ୍ତ୍ରାଳୟକୁ ରାଜ୍ୟ ସରକାରମାନଙ୍କ ସହ ସିଧାସଳଖ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶାହ ନିର୍ଦ୍ଦେଶ ଦେଇଛନ୍ତି। ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦେଶରେ ବର୍ଷାର ବ୍ୟାପକ ନିଅଟଂକୁ ଦୃଷ୍ଟିରେ ରଖି ଗୃହମନ୍ତ୍ରୀ କୃଷି ମନ୍ତ୍ରାଳୟ ସମେତ ସମସ୍ତ ସମ୍ପୃକ୍ତ ବିଭାଗକୁ ସର୍ବୋଚ୍ଚ ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି। 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ସୃଷ୍ଟି ହୋଇଥିବା ଏହି ସଙ୍କଟଜନକ ସ୍ଥିତି ଉପରେ କେନ୍ଦ୍ର ସରକାର ନିରନ୍ତର ନଜର ରଖିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଗୃହମନ୍ତ୍ରୀ କହିଛନ୍ତି ଯେ 'ଏଲ୍ ନିନୋ' ଯୋଗୁଁ ଦେଶର କେତେକ ନିର୍ଦ୍ଦିଷ୍ଟ ଅଚଂଳରେ ସ୍ୱଳ୍ପ ବର୍ଷା ଓ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିର ମୁକାବିଲା ନିମନ୍ତେ ସବୁ ସ୍ତରରେ ଆଗୁଆ ପ୍ରୟାସ ହେବ। ଚାଷୀମାନଙ୍କ ଉପରେ ଯେପରି ଏହାର ପ୍ରଭାବ ସର୍ବନିମ୍ନ ରହିବ ଏବଂ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ଯେପରି ବାଧାପ୍ରାପ୍ତ ନ ହେବ, ସେଥିପାଇଁ ରାଜ୍ୟଗୁଡ଼ିକ ସହ ମିଶି ଜରୁରିକାଳୀନ ଯୋଜନା ପ୍ରସ୍ତୁତ କରାଯାଉଛି। ସୂଚନାଯୋଗ୍ୟ, ଜୁନ୍‌ରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବାରୁ ଏହା ଦେଶର ପଚଂମ ସବୁଠାରୁ ଶୁଖିଲା ମାସ ଭାବେ ରେକର୍ଡ ହୋଇଛି। ଏହି ସ୍ଥିତି ଗ୍ରାମୀଣ ଅର୍ଥନୀତି ଏବଂ ଚାଷ କାର୍ଯ୍ୟ ପାଇଁ ଚିନ୍ତା ବଢ଼ାଇ ଦେଇଛି। ସ୍ଥିତିର ଗମ୍ଭୀରତାକୁ ଦେଖି କେନ୍ଦ୍ର ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଥିବା ନେଇ ବୈଠକ ପରେ ସୂଚନା ଦିଆଯାଇଛି।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ରବିବାର ୫ ଜୁଲାଇ ୨୦୨୬**

# ବହୁବଚନ : କବିତାରେ କଥାବାର୍ତ୍ତା

ମଣିଷ କେବେଠାରୁ କବିତା ଲେଖିଲା ନିଶ୍ଚିତ ଭାବରେ ଭାଷା ଓ ଲିପିର ଆବିଷ୍କାର ପରେ । କିନ୍ତୁ ଆଦିମ କାଳରୁ, ସଭ୍ୟତାର ଉଭାସର ବହୁ ପୂର୍ବରୁ, ମଣିଷ କବିତାରେ କଥାବାର୍ତ୍ତା କରିଆସିଛି । ଝରଣାର କଳନାଦ, ପକ୍ଷୀମାନଙ୍କ କାକଳି, ବର୍ଷାର ନିକ୍ୱଣ ପୁଣି ଝଡ଼ର ଝଙ୍କାର କବିତାମନସ୍କ କରିଥିବ ଆଦିମଣିଷକୁ । ସେହିଦିନରୁ ଫୁଟିଥିବ ତା' କଥାରେ କବିତା । ସେଥିପାଇଁ ମୌଖିକ ସାହିତ୍ୟ ହିଁ ସାହିତ୍ୟର ଉଷାକାଳ । ଶ୍ରୁତି କାଳେକାଳେ ସାହିତ୍ୟର ଅବିଚ୍ଛେଦ୍ୟ ଅଙ୍ଗ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି ପାଦରେ ମଣିଷ କବିତାରେ ବଞ୍ଚେ । ଅବୋଧ ଶିଶୁଟିକୁ ମା' ତା'ର ପରିଚିତ କରାଏ ପରିପାର୍ଶ୍ୱ ସହିତ କବିତାରେ । ଶରଦର ନିଟୋଳ ଜହ୍ନ ଆଡ଼କୁ ହାତ ବଢ଼ାଇ ଶିଶୁ କାନରେ କହେ, "ଆ ଜହ୍ନମାମୁ ସରଗ ଶଶି, ମୋ କାହ୍ନୁ ହାତରେ ପଡ଼ରେ ଖସି ।" ଶିଶୁଟି ଆଉ ଟିକେ ବଢ଼ିଗଲେ, ପୃଥିବୀକୁ ଦୋଚିହ୍ନା କରୁଥିବା ବୟସରେ ମାଷ୍ଟ୍ରେ ବହିର କବିତା ସହିତ ତାକୁ ଯୋଡ଼ିବାକୁ ଆରମ୍ଭ କରନ୍ତି । ବାପା ମା' କିନ୍ତୁ ତାକୁ କବିତା ଶିଖାନ୍ତି । କହନ୍ତି, କହ, "ପାଠ ପଢ଼ିବି ପାଠ ପଢ଼ିବି, କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି ।" ତେବେ ଶିଶୁଟି ଯୁବକ ହେଲେ କବିତାରେ ପ୍ରେମ କରେ । ସଂସାର ଛାଡ଼ିଲା ବେଳେ ବାପାମା'ଙ୍କୁ ବିଦାୟ ଦିଏ 'ରାମ ନାମ ସତ୍ୟ ହେ' କାରୁଣ୍ୟର ତାଳେ ତାଳେ । ବ୍ୟକ୍ତିକୁ କେବଳ ନୁହେଁ ସମାଜକୁ ବାନ୍ଧି ରଖେ କବିତା, ଆତ୍ମୀୟତାର ନିବିଡ଼ ଆଶ୍ଳେଷରେ । କଥା, କାହାଣୀ ଓ କିଂବଦନ୍ତି ପାଲଟନ୍ତି କବିତା, ଇତିହାସ ଗାଥାର ରୂପ ନିଏ । ମନ୍ଦିରମାଳିନୀ ଭୁବନେଶ୍ୱରରେ ତୁଙ୍ଗ ମନ୍ଦିର ଗଢ଼ିଥିବା ରାଜାଙ୍କୁ ସ୍ମରଣ କରେ ଓଡ଼ିଆ ଜାତି କବିତାର ମୃଦୁ ଲହରିରେ: "ଲଲାଟ ଇନ୍ଦୁ କେଶରୀ, ଗଢ଼ିଲେ ଦେଉଳ ଯତନ କରି, ବିଦେଶୀ ମରନ୍ତି ଝୁରି ।" ଗଜପତି ଏକଦା କେଉଁ ଅଜ୍ଞାତବାସରେ ଥିଲେ କିଏ ଜାଣେ ? ତାଙ୍କର କିନ୍ତୁ ରାଜଧାନୀ ଫେରିବା ଥିଲା ଅନିବାର୍ଯ୍ୟ । ବାଜିଲା ବୀରବାଦ୍ୟ । ଫେରିଲେ ଗଜପତି । ତାହା ଗୀତରେ ଗୁଞ୍ଜରିତ: "ମେଘ ବରଷିଲା ଟୁପୁରୁ ଟୁପୁରୁ କେଶୁର ମାଇଲା ଗଜା, ସୁନୁପୁରୁ ଠେଇଁ ଟମକ ବାଜିଲା ଲେଉଟି ଅଇଲେ ରଜା ।" ସେହିପରି କଳାପାହାଡ଼ର ଓଡ଼ିଶା ଆକ୍ରମଣ ଜନିତ ଭୟାବହତାକୁ କବିତାରେ ଏ ଯାବତ ଛନ୍ଦି ରଖିଛି ଏ ଜାତି, "ଅଇଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ ।" ସମୟ ପରି ଇତିହାସ ମଧ୍ୟ ଏକ ପ୍ରବହମାନ ସ୍ରୋତସ୍ୱିନୀ । ଗୋଟିଏ ଘଟଣା ପାଖରେ ସମୟ ଅଟକି ଯାଏନାହିଁ କି ନିର୍ଦ୍ଦିଷ୍ଟ ସମୟଖଣ୍ଡ ଭିତରେ ବାନ୍ଧି ହୋଇ ରହେ ନାହିଁ ଇତିହାସ । ୧୮୫୭ ମହାସଂଗ୍ରାମର ଅନ୍ୟତମ ସେନାନୀ ଚାଖିଖୁଣ୍ଟିଆ ଝାନ୍‌ସିର କେଉଁ ଘଞ୍ଚ ଅରଣ୍ୟରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରି ଦୀର୍ଘଦିନ ପରେ ନିଜ ମାଟିକୁ ଫେରିଲା ପରେ ଓଡ଼ିଶାର ପୁରପଲ୍ଲୀରେ ସଞ୍ଚରି ଯାଇଥିଲା କବିତାର କଲ୍ଲୋଳ: "ନଈରେ ବାଲିଆ ଚହଟିଲା, କଜଳ ସିନ୍ଦୂର ନାଆ ଲୋ ଗୋରୀ, ପୁଣି ଚାଖିଆ ଲେଉଟିଲା ।" ପଶ୍ଚିମାଞ୍ଚଳରେ ଛବିଳ ସାଏଙ୍କ ବୀରତ୍ୱର କଥା ମଧ୍ୟ ଝଂକୃତ ହୋଇଥିଲା କବିତାର କମନୀୟତାରେ, "ଉଲି ଉଲି, ଛବିଳ ସାଏ କେ ବାଜଲା ଗୁଲି ।" ଜାତୀୟ ମୁକ୍ତି ସଂଗ୍ରାମ ସମୟରେ ଗାନ୍ଧୀଙ୍କ ସ୍ୱଦେଶୀ ସନ୍ଦେଶ ମଧ୍ୟ ଥିଲା କବିତାମୟ: "ଗାନ୍ଧୀ କହିଛନ୍ତି ବୁଲିବୁଲି, କୁଟି ଖାଅ କାଟି ପିନ୍ଧ ବୋଲି ।" ଜଟିଳ ଗଣିତ ଓ ଭୂମାପ କଥା ମଧ୍ୟ କବିତାରେ କହାଯାଇଛି । ତା'ର ଏକ ଉଦାହରଣ ଏହିପରି : "ଦିଶଇ ଦେଉଳ ଏକ ବିଚିତ୍ର ଗଠନ, କ୍ରୋଧଭରେ ଠେଲିଦେଲା ପବନ ନନ୍ଦନ, ଅର୍ଦ୍ଧେକ ପଙ୍କରେ ତା'ର ତୃତୀୟାଂଶ ଜଳେ, ଦଶଭାଗରୁ ଭାଗେ ଯେ ଶିଉଳିର ତଳେ, ଉପରେ ଏଗାର ହାତ ଅଛି ବିଦ୍ୟମାନ, କର ହେ ସୁବୋଧ ଶିଷ୍ୟ ଦେଉଳ ପ୍ରମାଣ ।" ଏହା ଲ.ସା.ଗୁ. ସମ୍ପର୍କିତ ପ୍ରଶ୍ନ ହୋଇଥିବା ବେଳେ ଭୂମାପ ଗୀତଟି ମଧ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ- "ଜରିବକୁ କଡ଼ି ମାଗ ଆଠଗଣ୍ଡା କଡ଼ି କଡ଼ି ତତ୍ୱ ଆଠ, ଜରିବେ ଜରିବେ ଅଢ଼େଇ ଗୁଣ୍ଠକୁ ମନେ ହେତୁ କର ଚାଟ ।" ଆମ ଚାଷବାସ, ଆଗତନାଗତ ଏପରିକି ସ୍ୱାସ୍ଥ୍ୟରକ୍ଷା, ମାଟିମଟାଳ ଆଦିର ଟିପ୍ପଣୀ ମଧ୍ୟ କବିତାଶ୍ରୟୀ । ନିଜ ମାଟି ଛାଡ଼ି ଦେଶାନ୍ତରୀ ହେଲେ ମଣିଷ ମାଟି ହୋଇଯାଏ ସିନା ତା' ପେଟ ଭରେ ନାହିଁ । ସେଥିପାଇଁ ଗାଁ ଗଣ୍ଡାରେ ଆଜି ମଧ୍ୟ ମାଟିମନସ୍କତାର ସ୍ୱର ଶୁଭେ, ଯେମିତି, "ଅନ୍ଦର କଉଡ଼ି ପନ୍ଦର ଦିନ ଲୋ କଲିକତା ଟଙ୍କା ମାସେ, ହିଡ଼ମାଟି ହିଡ଼ରେ ଦେଇ ତାକୁ ଖାଇବୁ ବରଷେ ।" ସୁସ୍ଥ ଜୀବନଯାପନର ଅସୁମାରି ମନ୍ତ୍ର ମଧ୍ୟରୁ ଗୋଟିକର ଅବତାରଣା ଆମ ପୂର୍ବଜମାନଙ୍କ ସ୍ୱାସ୍ଥ୍ୟରକ୍ଷା ଚିନ୍ତା ଓ ତା'ର ସରଳ କାବ୍ୟମୟ ପରିପ୍ରକାଶର ଦୃଷ୍ଟାନ୍ତ ବହନ କରେ : 'ମାଥେ ପଗଡ଼ି ପାୟେ ତେଲ୍, ବଇଦ ସାଙ୍ଗେ କରିବ ଗେଲ୍' । ତେବେ ଆଧୁନିକତାର ପ୍ରଖର ପ୍ରବାହ ସତ୍ତ୍ୱେ ଆମ ଜୀବନରୁ କବିତାର ଆବେଦନ ବିଲୁପ୍ତ ହୋଇନାହିଁ । ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦଳୀୟ ଇସ୍ତାହାର ଓ ସରକାରଙ୍କ କାର୍ଯ୍ୟକ୍ରମ ପ୍ରଚାରପ୍ରସାରର ଆଧାର ମଧ୍ୟ କବିତା । ଲୋକମାନଙ୍କ ହୃଦୟକୁ ସ୍ପର୍ଶ କରିବା ପରି କବିତାଭିତ୍ତିକ ସ୍ଲୋଗାନ୍ ପ୍ରାୟ ପ୍ରତି ରାଜନୈତିକ ଦଳର ପ୍ରଚାରର ମାଧ୍ୟମ ପାଲଟିଛି- ସେ 'ମା'କୁ ସମ୍ମାନ ଗାଁକୁ କାମ' ହେଉ କି ହେଉ 'ନୀତି ଭଲ ନେତା ଭଲ' । ଏହିପରି ସ୍ଲୋଗାନ୍‌ର ଛତ୍ରେ ଛତ୍ରେ ଶବ୍ଦର ଲାଳିତ୍ୟ ପରିସ୍ଫୁଟ । ସେମିତି ସରକାରଙ୍କ ପ୍ରଚାର ଗଦ୍ୟ ଅପେକ୍ଷା ଅଧିକ ପଦ୍ୟ ଭିତ୍ତିକ । ଉଦାହରଣ ସ୍ୱରୂପ, 'ସବ୍ କା ସାଥ୍ ସବ୍ କା ବିକାଶ୍' ବା 'ପର୍ ଡ୍ରପ୍ ମୋର୍ କ୍ରପ୍' ବା 'ଭୋକାଲ୍ ଫର୍ ଲୋକାଲ୍' ଇତ୍ୟାଦି । ବାଣିଜ୍ୟିକ ବିଜ୍ଞାପନଗୁଡ଼ିକ କବିତା ବିନା ପ୍ରାଣଶୂନ୍ୟ ମନେ ହୁଅନ୍ତି । 'ଅସରନ୍ତି ସମୟ ଅସରନ୍ତି ଆଳାପ'- ଏହି ବିଜ୍ଞାପନଟି କବିତା ନୁହେଁ ତ ଆଉ କ'ଣ ? 'ଶସ୍ତା, ସୁନ୍ଦର, ମଜବୁତ'-କାହାର ସର୍ଜନା କିଏ ଜାଣେ ? ତାହା କିନ୍ତୁ ସର୍ବକାଳୀନ ସାହିତ୍ୟ, ବିଜ୍ଞାପନ ଜଗତର ନିତ୍ୟ ନୂତନ ଉଚ୍ଚାରଣ । ପୃଥିବୀର ପ୍ରତି ଦେଶ ପୁଣି କବିତାରେ ନିଜ କଥା କହେ । ଅଛି କି ଏମନ୍ତ ଦେଶଟିଏ ଯହିଁ ନାହିଁ ଜାତୀୟ ସଙ୍ଗୀତ କବିତାକୁ ଛାଡ଼ି ଜୀବନ କାହିଁ ? ଅବଶ୍ୟ ଜୀବନକୁ ଛାଡ଼ି କବିତା ନାହିଁ ।

# କାହିଁ ବୀର ଗାଥା ?

'ଅପରେସନ ସିନ୍ଦୂର'ର ଛଅ ବୀର ସହିଦଙ୍କୁ 'ଜାତୀୟ ସମର ସ୍ମାରକୀ'ରେ, ୨୬,୬୨୬ ବୀର ସହିଦଙ୍କ ଗହଣରେ, ଚିରସ୍ଥାୟିତ୍ୱ ପ୍ରାପ୍ତ ହୋଇଛି; କିନ୍ତୁ ବୀରତ୍ୱର ଗାଥା ସେମାନଙ୍କୁ ଯେଉଁ ଏକ ଅନନ୍ୟ ଉଦ୍‌ଭାସ ଦେଇ ଅମରତ୍ୱ ଦିଅନ୍ତା, ତାହା ସେମାନଙ୍କ ଲାଗି ଅଲଭ୍ୟ ହୋଇ ରହିଗଲା ! 'ଅପରେସନ ସିନ୍ଦୂର' ସମୟରେ ସହିଦ ହୋଇଥିବା ଛଅ ଜଣ ସୈନିକଙ୍କ ନାମ ଗଲା ଗୁରୁବାର ଦିନ ଆଧିକାରିକ ଭାବେ ପ୍ରକାଶ୍ୟ ହେବା ପରେ ବିବାଦଟିଏ ସୃଷ୍ଟି ହେଲାଣି ଯେ ମାତୃଭୂମିର ସୁରକ୍ଷା ସକାଶେ ପ୍ରାଣ ବିସର୍ଜନ କରିଥିବା କର୍ତ୍ତବ୍ୟରତ ଏହି ବୀରମାନଙ୍କ ଭୂମିକାକୁ ସରକାରଙ୍କ ପକ୍ଷରୁ ଯଥା ସମୟରେ ଅର୍ଥାତ୍ ଯୁଦ୍ଧ-ବିରତିର ତୁରନ୍ତ ବାଦ ଏବଂ ଯଥାର୍ଥ ଢଙ୍ଗରେ ଉପସ୍ଥାପନ କରାଗଲା ନାହିଁ କାହିଁକି ? ପ୍ରକାଶ ଥାଉ କି ଗଲା ବର୍ଷ ମେ ୧୦ ତାରିଖରେ ଯୁଦ୍ଧରେ ବିରତି ଲାଗିଥିଲା; ଯାହାର ଦୀର୍ଘ ପ୍ରାୟ ତେର ମାସ ପରେ, ଦିଲ୍ଲୀର ଇଣ୍ଡିଆ ଗେଟସ୍ଥିତ 'ନେସନାଲ ୱାର ମେମୋରିଆଲ' ବା 'ରାଷ୍ଟ୍ରୀୟ ସମର ସ୍ମାରକୀ'ରେ ଏହି ଛଅ ସହିଦଙ୍କ ନାମ ସଂଯୋଜିତ ହେବା ପ୍ରକରଣରେ, ସେମାନେ ଅଗତ୍ୟା ଲୋକଲୋଚନକୁ ଆସିଛନ୍ତି । କହିବା ଅନାବଶ୍ୟକ ଯେ ରାଜନୈତିକ ବିରୋଧୀ ପକ୍ଷ ଏହାକୁ 'ସହିଦତ୍ୱ ପ୍ରତି ଘୋର ଅସମ୍ମାନ' ବୋଲି ଅଭିହିତ କରି ଉଚ୍ଚାଟ ସୃଷ୍ଟି କରୁଥିବା ବେଳେ ଲୋକକ୍ଷେତ୍ରରେ ଯାହା ଚର୍ଚ୍ଚା ଓ ବିତର୍କର କାରଣ ହୋଇଛି, ତାହା ହେଲା ସହିଦମାନଙ୍କ ପରିଚୟକୁ ଦୃଷ୍ଟି ଅନ୍ତରାଳରେ ରଖାଯିବାର ଆବଶ୍ୟକତା ଓ ଔଚିତ୍ୟ ! ଏଭଳି ସ୍ଥଳେ ଏ ପରିପ୍ରେକ୍ଷୀରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ସରକାରଙ୍କ ପକ୍ଷଭୁକ୍ତ କେତେକ ପର୍ଯ୍ୟବେକ୍ଷକ କହିଥାଆନ୍ତି ଯେ ଯୁଦ୍ଧ-ବିରତି ସତ୍ତ୍ୱେ 'ଅପରେସନ ସିନ୍ଦୂର' ଏ ପର୍ଯ୍ୟନ୍ତ କାର୍ଯ୍ୟତଃ ଅବ୍ୟାହତ ରହିଛି, ଯେଉଁ କାରଣରୁ ସରକାର ହୁଏତ ସହିଦମାନଙ୍କ ପରିଚୟକୁ ଆଧିକାରିକ ଭାବେ ଉନ୍ମୋଚନ କରିବାକୁ ଚାହିଁ ନ ଥିବେ ! କିନ୍ତୁ, ବିରୋଧୀ ପକ୍ଷର ଅଭିଯୋଗ ଅତ୍ୟନ୍ତ ସାଂଘାତିକ, ଯେଉଁମାନେ ଗଲା ଜୁଲାଇ ୨୮ ତାରିଖରେ, ସଂସଦ କକ୍ଷରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ପକ୍ଷରୁ ପ୍ରଦତ୍ତ ଏକ ଅତ୍ୟନ୍ତ ଦୃଢ଼ ଓ ପ୍ରାଂଜଳ ବକ୍ତବ୍ୟକୁ ଦର୍ଶାଇ କହନ୍ତି ଯେ ସେ ଦିନ ସଂସଦ ମଧ୍ୟରେ ମନ୍ତ୍ରୀ ମହୋଦୟ ଏକ ନିତାନ୍ତ 'ଅସତ୍ୟ'ର ଉପସ୍ଥାପନ କରି କହିଥିଲେ ଯେ 'ଅପରେସନ ସିନ୍ଦୂର'ରେ ଭାରତୀୟ ସୈନ୍ୟ ବଳର ଆଦୌ କୌଣସି କ୍ଷତି ହୋଇନାହିଁ; ଏବଂ ସେହି ଉଚ୍ଚ ସ୍ୱରର ଦାବିକୁ ଶାସକ ଦଳ ପକ୍ଷରୁ ସହର୍ଷ ଟେବୁଲ ବାଡ଼େଇ ସମର୍ଥନ କରାଯାଇଥିଲା । ଅବଶ୍ୟ, ଇତି ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ସ୍ୱଷ୍ଟୋକ୍ତି ପ୍ରଦାନ କରାଯାଇଛି ଯେ ମନ୍ତ୍ରୀଙ୍କ ବକ୍ତବ୍ୟ ସଂବଳିତ ଭିଡିଓକୁ ସଂଦର୍ଭ-ଚ୍ୟୁତ କରି ଉପସ୍ଥାପନ କରାଯାଉଛି; କାରଣ ସେହି ଦିନ ସଂସଦରେ ବିତର୍କର ବିଷୟବସ୍ତୁ ଥିଲା ଭାରତୀୟ ବିମାନବାହିନୀ ଦ୍ୱାରା ସହନ କରାଯାଇଥିବା କ୍ଷୟକ୍ଷତି, ଯେଉଁ ପରିପ୍ରେକ୍ଷୀରେ ମନ୍ତ୍ରୀ ମହୋଦୟ ସୁନିର୍ଦ୍ଦିଷ୍ଟ ଭାବେ କେବଳ ବିମାନ ବାହିନୀ ପ୍ରସଙ୍ଗରେ ତଥ୍ୟ ପ୍ରଦାନ କରିଥିଲେ ! ସରକାରଙ୍କ ପକ୍ଷଭୁକ୍ତମାନେ କହିଥାଆନ୍ତି ଯେ 'ଅପରେସନ ସିନ୍ଦୂର' ଜାରି ରହିଥିବା ବେଳେ ହିଁ ଦେଶବାସୀଙ୍କୁ ଯୁଦ୍ଧର ସ୍ଥିତି ସଂକ୍ରାନ୍ତରେ ଜଣାଇବା ଲାଗି ଅନୁଷ୍ଠିତ ହେଉଥିବା ଦୈନନ୍ଦିନ ସାମ୍ବାଦିକ ସମ୍ମିଳନୀରେ ସେନା ପ୍ରବକ୍ତା ସୋଫିଆ କ୍ୟୁରେସିଙ୍କ ପକ୍ଷରୁ କିଛି ସୈନିକଙ୍କ ହତାହତ ନେଇ ମୂଳରୁ ସୂଚନା ଦିଆଯାଇଥିଲା । ସେହିଭଳି ଯୁଦ୍ଧ-ବିରତି ପରେ 'ଡି.ଜି.ଏମ.ଓ.' ('ଡାଇରେକ୍ଟର ଜେନେରାଲ ଅଫ ମିଲିଟାରି ଅପରେସନ')ଙ୍କ ଦ୍ୱାରା ଆହୂତ ସାମ୍ବାଦିକ ସମ୍ମିଳନୀରେ ସହିଦତ୍ୱ ବରଣ କରିଥିବା ସଙ୍ଗୀମାନଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏଭଳି ସ୍ଥିତିରେ ସଂସଦ କକ୍ଷରେ ମିଥ୍ୟା-ବାଚନର ଅବିମୃଶ୍ୟକାରୀ ସାହସ ମନ୍ତ୍ରୀ ମହୋଦୟ ପ୍ରଦର୍ଶନ କରିବା ସମ୍ଭବ କି ? କିନ୍ତୁ, ଏଭଳି ସଫେଇ ବିରୋଧୀ ପକ୍ଷଙ୍କୁ ଆଦୌ ସନ୍ତୁଷ୍ଟ କରି ନ ଥାଏ । କୌଣସି ଯୁଦ୍ଧ ଅଥବା ସଂଘର୍ଷ ପରେ ପରେ ସହିଦମାନଙ୍କ ନାମକୁ ସସମ୍ମାନ ଓ ଆଧିକାରିକ ଭାବେ ପ୍ରକାଶ କରା ନ ଯିବାର ଏହି ଦୃଷ୍ଟାନ୍ତ ସ୍ୱାଧୀନତୋତର ଭାରତରେ ପ୍ରଥମ ବୋଲି ଅଭିହିତ କରୁଥିବା ଏହି ପକ୍ଷ ସ୍ଥିର ନିଶ୍ଚିତ ଯେ ଏହି ଅସ୍ୱଚ୍ଛତା ସୃଷ୍ଟିର ଉଦ୍ୟମ ସୁନିୟୋଜିତ; କାରଣ ତାହା ହୋଇ ନ ଥିଲେ 'ଡି.ଜି.ଏମ.ଓ.'ଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାଳରେ ପ୍ରତ୍ୟେକ ସହିଦଙ୍କ ନାମ ସ୍ପଷ୍ଟ ଭାବେ ଉଚ୍ଚାରିତ ହୋଇଥାଆନ୍ତା । ସେହି ଭଳି ଗଲା ୮ ତାରିଖରେ, ରାଷ୍ଟ୍ରପତିଙ୍କ ଦ୍ୱାରା ସହିଦ ରାଇଫଲମ୍ୟାନ ସୁନୀଲ କୁମାରଙ୍କୁ ମରଣୋତ୍ତର ଭାବେ 'ବୀର ଚକ୍ର' ସମ୍ମାନ ଦ୍ୱାରା ଭୂଷିତ କରାଗଲା ବେଳେ ଔପଚାରିକ ପରିଚୟ ପ୍ରଦାନ ପ୍ରକରଣରେ ତାଙ୍କ ଅନ୍ତିମ କର୍ମ କ୍ଷେତ୍ର 'ଅପରେସନ ସିନ୍ଦୂର'କୁ ଉହ୍ୟ ରଖା ଯାଇ ନ ଥାଆନ୍ତା ! ତେବେ ଉଭୟ ପକ୍ଷର ତର୍କ ଯାହା ହୋଇଥାଉ ନା କାହିଁକି, ଏହା ଏକ ବାସ୍ତବତା ଯେ ଯୁଦ୍ଧ-ବିରତି ପରେ ଦୀର୍ଘ ତେର ମାସ କାଳ ସହିଦମାନଙ୍କୁ ଅପରିଚୟର ଅନ୍ଧକାରରେ ରଖାଯିବା ବିଷୟ ଅସଂଖ୍ୟ ଦେଶବାସୀଙ୍କୁ ମର୍ମାହତ କରିଛି । ଏହି ସଂଦର୍ଭରେ ଆଲୋଚନା ବେଳେ କେତେକ ପର୍ଯ୍ୟବେକ୍ଷକ କହିଥାଆନ୍ତି ଯେ ସୀମା ଅତିକ୍ରମଣ ଓ ତଜ୍ଜନିତ ଯୁଦ୍ଧ ସଂକ୍ରାନ୍ତ ତଥ୍ୟକୁ ଗୋପନୀୟ ରଖିବାର ସରକାରୀ ଉଦ୍ୟମ ୨୦୨୦ ମସିହାରେ ଉଲ୍ଲେଖନୀୟ ଭାବେ ପରିଦୃଷ୍ଟ ହୋଇଥିଲା, ଯେତେବେଳେ ଚୀନ ସୈନିକମାନେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଅତର୍କିତ ଉପଦ୍ରବ ସୃଷ୍ଟି କରିଥିଲେ । ସେହି ସମୟରେ ଭାରତ-ଚୀନ ମଧ୍ୟବର୍ତ୍ତୀ 'ପ୍ରକୃତ ନିୟନ୍ତ୍ରଣ ରେଖା' ବା 'ଏଲ.ଏ.ସି.' ନିକଟରେ ବାସ୍ତବ ସ୍ଥିତି ବା ଉଭୟ ପକ୍ଷ ମଧ୍ୟରେ ହୋଇଥିବା ସୈନ୍ୟ କ୍ଷୟ ଇତ୍ୟାଦି ନେଇ ତଥ୍ୟ ଓ ସୂଚନା ବେଶ୍ କିଛି କାଳ ଧରି ସଂଶୟ, ସନ୍ଦେହ ଓ ବିଭ୍ରାନ୍ତିର ପଟଳ ଦ୍ୱାରା ଆଚ୍ଛନ୍ନ ହୋଇ ରହିଥିଲା । ଚୀନ ଦ୍ୱାରା ସୀମାରେଖା ଅତିକ୍ରମ କରାଯାଇଥିବାର ଅଭିଯୋଗକୁ ସରକାର ସେତେବେଳେ ସ୍ୱୀକାର କରି ନ ଥିଲେ ହେଁ ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଆଦିରୁ ତାହା କ୍ରମେ ସ୍ପଷ୍ଟ ହେବାକୁ ଲାଗିଥିଲା । ଏହି ବିଶେଷଜ୍ଞମାନେ କହିଥାଆନ୍ତି ଯେ ୧୯୬୨ ମସିହାରେ ଚୀନ ଅତିକ୍ରମଣ ଓ ଯୁଦ୍ଧରେ ଚୀନଠାରୁ ଭାରତର ଦୟନୀୟ ପରାଜୟକୁ ଘେନି ତତ୍କାଳୀନ ନେହରୁ ସରକାର ସମସ୍ତ ତଥ୍ୟ ପ୍ରକାଶ୍ୟ କରିଥିଲେ, ଯଦିଓ ସେଥି ଲାଗି ପ୍ରଚୁର ଅସ୍ୱସ୍ତି ଓ ସମାଲୋଚନାର ଶରବ୍ୟ ହୋଇଥିଲେ । ଅବଶ୍ୟ ଏହା ସତ ଯେ ରାଷ୍ଟ୍ର ସୁରକ୍ଷା ଦୃଷ୍ଟିରୁ ଅନେକ ସମୟରେ କେତେକ ତଥ୍ୟ ଓ ସୂଚନାକୁ ପ୍ରଚ୍ଛଦପଟରେ ରଖାଯିବା ରଣନୈତିକ ଅନିବାର୍ଯ୍ୟତା ହୋଇଥାଏ; କିନ୍ତୁ ତହିଁରେ ଯଦି ଦୁର୍ବଳତା ଢାଙ୍କିବାର ଉଦ୍ଦେଶ୍ୟ ନିହିତ ଥାଏ, ତେବେ ତାହା ସମସ୍ୟାମୂଳକ ! ସମର ପ୍ରାଙ୍ଗଣରେ ଅନତିକ୍ରମ୍ୟ ବୀରତ୍ୱ ଓ ଚରମ ବଳିଦାନର ଅସଂଖ୍ୟ ଦୃଶ୍ୟ ସୃଷ୍ଟି ହେଉଥିଲେ ହେଁ ତାହାକୁ ଘେନି ଯଦି ଗାଥା ସୃଷ୍ଟି କରାଯାଇ ନ ପାରେ, ତେବେ ଉଜ୍ଜ୍ୱଳ ନକ୍ଷତ୍ରମାନ 'କୃଷ୍ଣ-ଗର୍ତ୍ତ'ରେ ଆପଣା ଅସ୍ତିତ୍ୱ ଓ ପରିଚୟ ହରାଇଲା ଭଳି ସ୍ଥିତି ଜାତ ହୁଏ । ବିଜେପି ନେତୃତ୍ୱରେ ଏନ.ଡି.ଏ. ୧.୦ ସରକାର ଅମଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ, କବିପ୍ରାଣ ଅଟଳ ବିହାରୀ ବାଜପେୟୀ ସମ୍ଭବତଃ 'ବୀର ଗାଥା' ସୃଷ୍ଟିର ଯଥାର୍ଥତା ହୃଦୟଙ୍ଗମ କରିଥିଲେ । ୧୯୯୯ ମସିହାର କାରଗିଲ ଯୁଦ୍ଧ ଥିଲା, ଟେଲିଭିଜନ ସର୍ବବିଦ୍ୟମାନ ହେବା ପରେ, ଭାରତର ପ୍ରଥମ ସମର । ସେହି କାରଗିଲ ଯୁଦ୍ଧର ସହିଦମାନଙ୍କୁ ନେଇ ଦୃଶ୍ୟ-ଶ୍ରାବ୍ୟ ଗଣମାଧ୍ୟମରେ 'ବୀର ଗାଥା' ସୃଷ୍ଟିର ଯେଉଁ ଅତୁଲ୍ୟ ଉଦ୍ୟମ କରାଯାଇଥିଲା, ତାହା ଅବିସ୍ମରଣୀୟ । ତ୍ରିରଙ୍ଗା ଆଚ୍ଛାଦିତ ସହିଦମାନଙ୍କ ପାର୍ଥିବ ଶରୀରକୁ ଅତ୍ୟନ୍ତ ସମ୍ମାନର ସହିତ ସେମାନଙ୍କ ଜନ୍ମମାଟିକୁ ନିଆ ଯାଉଥିବାର ଦୃଶ୍ୟ ଟେଲିଭିଜନରେ ପ୍ରସାରିତ ହେବା ବେଳେ ଜାତୀୟତାବୋଧ ଓ ରାଷ୍ଟ୍ରପ୍ରେମରେ ଆପ୍ଲୁତ ହଜାର ହଜାର ଶୋକାର୍ତ୍ତ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ଶେଷକୃତ୍ୟ ସ୍ଥଳଗୁଡ଼ିକରେ ରୁଣ୍ଡ ହୋଇଯାଉଥିଲେ । ବୀର ଗାଥା ସୃଷ୍ଟିର ଏହି ଉଦ୍ୟମରେ ସହିଦମାନେ ଅବଲୀଳା କ୍ରମେ ପରିଣତ ହୋଇଛନ୍ତି ସ୍ଥାନୀୟ କିଂବଦନ୍ତିରେ; ଅମରତ୍ୱ ଲାଭ କରିବା ସହିତ ସେମାନେ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି । ଅବଶ୍ୟ, 'ଅପରେସନ ସିନ୍ଦୂର'ର ଛଅ ବୀର ସହିଦଙ୍କୁ 'ଜାତୀୟ ସମର ସ୍ମାରକୀ'ରେ, ୨୬,୬୨୬ ବୀର ସହିଦଙ୍କ ଗହଣରେ, ଚିରସ୍ଥାୟିତ୍ୱ ପ୍ରାପ୍ତ ହୋଇଛି; କିନ୍ତୁ ବୀରତ୍ୱର ଗାଥା ସେମାନଙ୍କୁ ଯେଉଁ ଏକ ଅନନ୍ୟ ଉଦ୍‌ଭାସ ଦେଇ ଅମରତ୍ୱ ଦିଅନ୍ତା, ତାହା ସେମାନଙ୍କ ଲାଗି ଅଲଭ୍ୟ ହୋଇ ରହିଗଲା !

# ଯୁଦ୍ଧ ମାନସିକତା : କାରଣ ଓ ନିରାକରଣ

ସୃଷ୍ଟିର ପ୍ରାରମ୍ଭ କାଳରୁ ବିଶ୍ୱରେ ମାନବ ସଭ୍ୟତା ଅନେକ ଯୁଦ୍ଧର ବିଭୀଷିକା ସାମ୍ ?ନା କରିଛି । ବିଭିନ୍ନ କାଳଖଣ୍ଡରେ ସେ ଟ୍ରୋଜାନ ଯୁଦ୍ଧ ହେଉ, ମୋଙ୍ଗଲ ଆକ୍ରମଣ ହେଉ, ଦ୍ୱିତୀୟ କଙ୍ଗୋ ଯୁଦ୍ଧ ହେଉ, ପ୍ରଥମ ବିଶ୍ୱଯୁଦ୍ଧ ହେଉ, ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଉ, ଭିଏତନାମ ଯୁଦ୍ଧ ହେଉ, ଆମେରିକା ଗୃହ ଯୁଦ୍ଧ ହେଉ, ଆଫଗାନିସ୍ତାନ ଯୁଦ୍ଧ ହେଉ, ରୁଷିଆ-ୟୁକ୍ରେନ ଯୁଦ୍ଧ ହେଉ କିମ୍ବା ଆମେରିକା-ଇରାନ ଯୁଦ୍ଧ ହେଉନ୍ତୁ ସବୁ ସମୟରେ ପ୍ରଭୂତ ସମ୍ବଳ କ୍ଷତି, ଧନ ଜୀବନ ହାନି ହେବା ସଙ୍ଗେ ସଙ୍ଗେ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗତ ହେବାଦ୍ୱାରା କର୍କଟ ଓ ହୃଦ୍‌ରୋଗ ବ୍ୟାପିବା ସହ ଜୀବନକୁ ଦୁର୍ବିସହ କରିଥାଏ । ତେବେ ଏତେ ଚରମ ଭୟାବହତା ସତ୍ତ୍ୱେ ମାନବ ସମାଜରେ ଚେତନାର ଉତ୍ତରଣ ହେଉନାହିଁ କାହିଁକି ? ଏବେ ଆସନ୍ତୁ ଏହାର ସମ୍ଭାବ୍ୟ କାରଣ ସମ୍ପର୍କରେ ସମ୍ୟକ ଆଲୋଚନା କରିବା । ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଜଣେ ବ୍ୟକ୍ତିର ମାନସିକ ସ୍ତରରେ କେତେକ ଇଚ୍ଛା, ଅଭୀପ୍ସା ପୂରଣ ନହେଲେ ସାଧାରଣତଃ ଈର୍ଷା, ଦ୍ୱେଷ, ସନ୍ଦେହ, ଶତ୍ରୁ ମାନସିକତା, ଯୁଦ୍ଧ ମାନସିକତା ଭାବ ଜାଗ୍ରତ ହୋଇଥାଏ । ଅନ୍ୟ ଜଣକର ପ୍ରଭାବ, ପ୍ରତିପତ୍ତି ଲୋକପ୍ରିୟତା ବୃଦ୍ଧି ପାଇଲେ ଆମେ ନିଜର ସ୍ଥିତି, ପ୍ରତିଷ୍ଠା, ସୁରକ୍ଷା ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ବିଷୟରେ ଆବଶ୍ୟକତା ଠାରୁ ଅଧିକ ଚିନ୍ତିତ ହୋଇପଡୁ । ସୁତରାଂ, ନିଜ ସ୍ଥିତି ଓ ପ୍ରତିଷ୍ଠାକୁ ସୁଦୃଢ଼ କରିବା ପାଇଁ ସେହି ବ୍ୟକ୍ତି ଶତ୍ରୁତାକୁ ମୁଖ୍ୟ ଆୟୁଧ କରିଥାଏ । ଏହି ଶତ୍ରୁତା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଗ୍ରାମ-ଗ୍ରାମ ମଧ୍ୟରେ, ରାଜ୍ୟ-ରାଜ୍ୟ ମଧ୍ୟରେ ବା ଦେଶ ଦେଶ ମଧ୍ୟରେ ହୋଇ ବେଳେବେଳେ ଘମାସାନ ଯୁଦ୍ଧରେ ପରିଣତ ହେବା ପରେ ଭୟାନକ ପରିସ୍ଥିତି ସୃଷ୍ଟି କରିଥାଏ । ଏହି ଶତ୍ରୁ ମାନସିକତା ଯୁଦ୍ଧ ବ୍ୟତୀତ କେତେକ ମହାନ ବ୍ୟକ୍ତିତ୍ୱଙ୍କ ପ୍ରାଣହାନିର ମଧ୍ୟ କାରଣ ହେବାର ନଜିର ଅଛି । ଏହି ଶତ୍ରୁ ମାନସିକତା ଅତୀତରେ ଏଭଳି ଉଗ୍ରରୂପ ନେଇଥିଲା ଯେ, ଇତିହାସ ପୃଷ୍ଠା ଅବଲୋକନ କଲେ ଯେକେହି ସ୍ତବଧ ହେବା ସ୍ୱାଭାବିକ । ଆଦର୍ଶଗତ ପାର୍ଥକ୍ୟ, ରାଜନୈତିକ ଚକ୍ରାନ୍ତ ଓ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ କେତେକ ନରପିଶାଚ ଶ୍ରେଣୀୟ ବ୍ୟକ୍ତିବିଶେଷ ଅନେକ ମହାନ ଜ୍ଞାନୀ, ଗୁଣୀ, ତ୍ୟାଗୀ, ରାଷ୍ଟ୍ରନେତାଙ୍କୁ ହତ୍ୟା କରିଥିଲେ ବା ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ସେହି ମହାନ ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଗ୍ରୀକ ଦାର୍ଶନିକ ସକ୍ରେଟିସ, ଇଟାଲି ଦାର୍ଶନିକ ଜିଓର୍ଡାନୋ ବ୍ରୁନୋ, ଆମେରିକା ରାଷ୍ଟ୍ରପତି ଦ୍ୱୟ ଆବ୍ରାହମ ଲିଙ୍କନ ଓ ଜନ୍ ଏଫ୍ କେନେଡ଼ି, ଆମେରିକାର ନାଗରିକ ଅଧିକାର ଆନ୍ଦୋଳନ ନେତା ମାର୍ଟିନ ଲୁଥର କିଙ୍ଗ ଜୁନିଅର, ଭାରତର ଜାତୀୟ ପିତା ମହାତ୍ମା ଗାନ୍ଧୀ, ଯେଉଁମାନେ କି ନିସ୍ୱାର୍ଥପର ଭାବେ ନିଜ ଦେଶପାଇଁ ପ୍ରାଣବଳି ଦେଇ ଅମର ସହିଦ ହୋଇଯାଇଛନ୍ତି । ଏଭଳି ଯୁଦ୍ଧଜନିତ ବିଭୀଷିକାମୟ ପରିସ୍ଥିତି ନିକଟ ଅତୀତରେ ସୃଷ୍ଟି ହୋଇଛି ନିରୁତା ଅହଙ୍କାର ଓ ଚରମ ଶତ୍ରୁତାର ପ୍ରତିଫଳନ ମାଧ୍ୟମରେ, ଯାହାକି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଦୁଇଟି ଭୟାନକ ଯୁଦ୍ଧ ଏଯାବତ ମଧ୍ୟ ସମାପ୍ତ ହେବାର କୌଣସି ସୂଚନା ମିଳୁନାହିଁ । ୟୁକ୍ରେନ ଯେତେବେଳେ ନାଟୋ ସଦସ୍ୟତା ଗ୍ରହଣ କରିବାକୁ ଉଦ୍ୟମ କଲା ସେତେବେଳେ ରୁଷିଆ ଚିନ୍ତା କଲା ୟୁକ୍ରେନକୁ ନାଟୋ ସଦସ୍ୟତା ମିଳିବା ପରେ ସେ ପାଶ୍ଚାତ୍ୟ ଦେଶମାନଙ୍କର ନିକଟତର ହୋଇ ରୁଷିଆ ପ୍ରତି ବିପଦ ସୃଷ୍ଟି କରିବ । ତେଣୁ ନାଟୋ ସଦସ୍ୟତା ଗ୍ରହଣ ନକରିବା ପାଇଁ ରୁଷିଆ ୟୁକ୍ରେନକୁ ପରାମର୍ଶ ଦେଲା । ୟୁକ୍ରେନ ଉକ୍ତ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିବାରୁ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୨୪ ଫେବ୍ରୁଆରୀ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ କଲେ । ଯୁଦ୍ଧ ଆରମ୍ଭ ହେଲା, ଯାହାକି ଅଦ୍ୟାବଧି ଜାରି ରହିଛି । ସେହିପରି ଆମେରିକା ଇରାନର ଆଣବିକ ସାମର୍ଥ୍ୟ, ଅସ୍ତ୍ରଶସ୍ତ୍ର ପ୍ରସ୍ତୁତି, ବାଲିଷ୍ଟିକ ମିସାଇଲ ଦେଖି ଏକପ୍ରକାର ଉଦ୍‌ବେଗ ପ୍ରକାଶ କରିବା ସହ ଆଣବିକ ପରୀକ୍ଷଣରୁ ନିବୃତ୍ତ ରହିବାକୁ ଇରାନକୁ ପରାମର୍ଶ ଦେଲା । ଇରାନ ଉକ୍ତ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିବାରୁ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଇରାନର ପୁରୁଣା ଶତ୍ରୁ ଇସ୍ରାଏଲ ସହ ହାତ ମିଳାଇ ୨୮ ଫେବ୍ରୁଆରୀ ୨୦୨୬ରେ ଇରାନ ଉପରେ ଆକ୍ରମଣ କଲେ । ଇରାନ ହମାସ, ହେଜବୁଲ୍ଲା, ହାଉଟିସ ଭଳି ସନ୍ତ୍ରାସବାଦୀ ଗୋଷ୍ଠୀକୁ ଖୋଲା ସମର୍ଥନ ଦେଉଥିବାର ବିଶ୍ୱର ଅନ୍ୟ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ସମର୍ଥନ ମିଳିବା ଓ ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଘୋଷଣାର ଯଥାର୍ଥତା ଦର୍ଶାଇବା ନିମିନ୍ତ ଆମେରିକା ଇରାନକୁ ସନ୍ତ୍ରାସବାଦ ପୃଷ୍ଠପୋଷକ ରାଷ୍ଟ୍ର କହି ଆକ୍ରମଣ କଲା । ଯୁଦ୍ଧ ଅଦ୍ୟାବଧି ଚାଲୁଅଛି ଯାହାଫଳରେ ଅନେକ ଦେଶରେ ରନ୍ଧନ ଗ୍ୟାସ ଓ ତୈଳର ଉତ୍କଟ ସମସ୍ୟା ଦେଖାଦେଇଛି । ଇରାନର ଉତ୍ତର ପଟୁ ଏବଂ ଓମାନର ଦକ୍ଷିଣ ପଟୁ ହୋର୍ମୁଜ ପ୍ରଣାଳୀ ଉପରେ ମାଲିକାନା ଥିବାରୁ ଇରାନ ହୋର୍ମୁଜ ପ୍ରଣାଳୀକୁ ଉତ୍ତର ପଟେ ତୈଳବାହୀ ଜାହାଜ ପରିବହନ ଉପରେ କଟକଣା ଜାରି ରଖିଛି, ଯେଉଁଥିପାଇଁ ଉତ୍କଟ ତୈଳସଙ୍କଟ ଦେଖାଦେଇଛି ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଜାରରେ ଅହେତୁକ ଭାବେ ବୃଦ୍ଧିପାଇଛି । ଏହି ଦୁଇଟି ଯୁଦ୍ଧ ଚାଲୁଥିବା ବେଳେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଘଟିଥିବା ଦୁଇଟି ବିଶ୍ୱଯୁଦ୍ଧର ଭୟାବହତା ସ୍ମରଣ କରାଇଦେବା ସହ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ମଧ୍ୟ ସୃଷ୍ଟି କରୁଛି । ସମଗ୍ର ବିଶ୍ୱବାସୀ ରୁଷିଆ, ଆମେରିକା ଚୀନ ଭଳି ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ରମାନଙ୍କ ଆଭିମୁଖ୍ୟ, ଗତିବିଧି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ରଖିଛନ୍ତି । ଏବେ ଆସନ୍ତୁ ଜାଣିବା ଶତ୍ରୁତା ମନୋଭାବ, ଯୁଦ୍ଧଖୋର ମନୋବୃତ୍ତିର ଉତ୍ପତ୍ତି ସମ୍ପର୍କରେ ମନସ୍ତତ୍ତ୍ୱବିତ୍ ଓ ଦାର୍ଶନିକମାନେ କ'ଣ କହିଛନ୍ତି । ସିଗମଣ୍ଡ ଫ୍ରଏଡ କହନ୍ତି- ମଣିଷ ମଧ୍ୟରେ ଥିବା ବିଧ୍ୱଂସକାରୀ ମୃତ୍ୟୁଚେତନା (ଞଷବଭବଗ୍ଧକ୍ସଗ୍ଧ)ର ପ୍ରତିଫଳନ ଦ୍ୱାରା ଦେଶ-ଦେଶ ମଧ୍ୟରେ ସଙ୍ଘର୍ଷ ଉପୁଜି ପରିଶେଷରେ ଯୁଦ୍ଧରେ ପରିଣତ ହୋଇଥାଏ । ମାନବ ଜୀବନ ସଧାରଣତଃ ଦୁଇଟି ଶକ୍ତି ଯଥା- ଜୀବନୀଶକ୍ତି ଓ ମୃତ୍ୟୁଚେତନା । ଫ୍ରଏଡ ଆଇନଷ୍ଟାଇନଙ୍କ ସହ 'ଯୁଦ୍ଧ କାହିଁକି' ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ, ଯାହାକି ୧୯୩୨ ମସିହାରେ ''ଙ୍ଷଚ ଙ୍ଗବକ୍ସ'' ନାମରେ ଏକ ପ୍ରବନ୍ଧ ଭାବେ ପ୍ରକାଶିତ ହୋଇ ଖୁବ୍ ? ଲୋକପ୍ରିୟତା ଅର୍ଜନ କରିଥିଲା । ସେ କହନ୍ତି ଯେ, ଯୁଦ୍ଧ ସମୟରେ ବ୍ୟକ୍ତିବିଶେଷ ତାର ନୈତିକତା ବିବେକ ଭୁଲିଯାଇ ସାମୂହିକ ଉନ୍ମାଦନା, ଦଳ ମାନସିକତାରେ ଆଚ୍ଛନ୍ନ ହୋଇ ଉଗ୍ର ଜାତୀୟତାର ଦ୍ୱାହ ଦେଇ ନିଶାସକ୍ତ ହେବା ପରି ହିଂସାତ୍ମକ କାର୍ଯ୍ୟରେ ଲିପ୍ତରହି ଏହାକୁ ଦେଶଭକ୍ତିର ଆଖ୍ୟା ଦେଇଥାଏ । ଫ୍ରଏଡ କହନ୍ତି ଯେ, କୌଣସି ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ କ୍ଷମତାସମ୍ପନ୍ନ ସଂସ୍ଥା ଯୁଦ୍ଧମନସ୍କତା ନିୟନ୍ତ୍ରଣ କରିବାରେ ସମର୍ଥ ହୋଇପାରିବ ନାହିଁ, ଯେପରିକି 'ଲିଗ୍ ଅଫ୍ ନେସନ୍‌ସ' ଏବଂ 'ୟୁଏନଓ' ନିଜ ଲକ୍ଷ୍ୟ ହାସଲ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇ ନିରବଦ୍ରଷ୍ଟା ସାଜିଛନ୍ତି । ତାଙ୍କ ମତରେ ଇରସ(ରକ୍ସଙ୍କଗ୍ଧ) କୁ ଥାନାଟସ (ଞଷବଭବଗ୍ଧକ୍ସଗ୍ଧ) ବିରୋଧରେ ବହୁଳ ଭାବେ ବ୍ୟବହାର କରିବା ପାଇଁ ସମାଜରେ ସଚେତନତା ସୃଷ୍ଟି କଲେ ଯୁଦ୍ଧ ମନସ୍କତାକୁ ନିୟନ୍ତ୍ରଣ କରିବା ସମ୍ଭବପର ହେବ । କାର୍ଲ ଯୁଙ୍ଗଙ୍କ ମତରେ, କେତେକ ଅସମାହିତ ସଙ୍ଘର୍ଷର ପ୍ରତିଫଳନ ଯୁଦ୍ଧ ମାଧ୍ୟମରେ ହୋଇଥାଏ । ବ୍ୟକ୍ତିମାନେ ନିଜ ନିଜର ନୈତିକ ବିଚାର ଓ ବିବେକର ସ୍ୱରକୁ ଏଡ଼ାଇଯାଇ ଏକ ସାମୂହିକ ଅବଚେତନ ଶକ୍ତି ପ୍ରଭାବରେ ବର୍ବରତା ଓ ଗଣହିଂସାରେ ଲିପ୍ତ ହୋଇଥାନ୍ତି । ଫ୍ରେଡେରିକ ନିଚ୍ଛେ କହନ୍ତି- ଯୁଦ୍ଧ ସମାଜକୁ ବିପଥଗାମୀ ଓ ଅଧୋପତନମୁଖୀ କରାଇଥାଏ । ଏହି ଯୁଦ୍ଧମନସ୍କତା ଉଗ୍ରଜାତୀୟତା ନାମରେ ବ୍ୟକ୍ତିମାନଙ୍କ ମଧ୍ୟରେ ସାମୂହିକ ଉତେଜନା, ପାଶବିକ ଉନ୍ମାଦନା, ଅନ୍ଧ ଅନୁକରଣ ଭାବନା ସୃଷ୍ଟି କରି ହିଂସାତ୍ମକ କାର୍ଯ୍ୟରେ ଜଡ଼ିତ ହେବାପାଇଁ ପ୍ରରୋଚିତ କରିଥାଏ । ଇମାନୁଏଲ କାଣ୍ଟ କହନ୍ତି- ପରସ୍ପର ମଧ୍ୟରେ ସମସ୍ୟା ସମାଧାନର ସମସ୍ତ ବିକଳ୍ପ ପ୍ରୟୋଗ କରି ବିଫଳ ହେବା ପରେ ଯୁଦ୍ଧକୁ ଶେଷ ବିକଳ୍ପ ଭାବେ ଉପଯୋଗ ଜ୍ଞାନର ସଂଚୟ ଜୀ ବନକୁ ସୁଚାରୁ ରୂପରେ ଚଳେଇବା ପାଇଁ ଲୋକମାନେ ନାନା ପ୍ରକାରର ମଧ୍ୟ ସୂଚକ ଅଟେ ଯେ, ଆମେ ଅମୂଲ୍ୟ କଥାକୁ ଧାରଣ କରିବାର ଯୋଗ ଏବେ ରଖନ୍ତ ନାହିଁ । ଜ୍ଞାନ ପ୍ରାପ୍ତିର କୌଣସି ବୟସ ସୀମା ନଥାଏ । ଏହାର ଆଦାନ ପ୍ରଦାନ ଅନ୍ତ ସମୟ ପର୍ଯ୍ୟନ୍ତ ସମ୍ଭବ । ରାବଣ ମଧ୍ୟ ମରିବା ସମୟରେ ଲକ୍ଷ୍ମଣଙ୍କୁ ଜ୍ଞାନରେ ସମୃଦ୍ଧ କରିଥିଲେ । ଭୀଷ୍ମ ପିତାମହ ମଧ୍ୟ ମୃତ୍ୟୁଶଯ୍ୟା ଉପରେ ନିଜର ପ୍ରିୟଜନଙ୍କୁ ଜୀବନର କିଛି ଉପଯୋଗୀ ସୂତ୍ର ଦେଇଥିଲେ । ଯେତେବେଳେ କାହାଠୁ କିଛି ଜ୍ଞାନ ଶ୍ରବଣ କରିବାକୁ ହୋଇଥାଏ ସେଥିରେ କୃତଜ୍ଞତାର ଭାବ ନିଶ୍ଚିତ ରହିବା ଜରୁରି । ସେତେବେଳେ କିଏ ନିଜର ସମୟ ଆଉ ଉର୍ଜାରେ ଆପଣଙ୍କୁ ମାର୍ଗଦର୍ଶନ କରାଉଥିବ । ଜ୍ଞାନ ହିଁ ଆପଣଙ୍କ ସବୁ ସମସ୍ୟାର ଚାବି ଅଟେ । ତେଣିକି ଯେତେ କଠିନ ପରିସ୍ଥିତି ଆପଣଙ୍କର ସାମନାରେ ହେଉ, ଜ୍ଞାନ ଅନୁଭୂତିର ଭାବ ବ୍ୟକ୍ତିକୁ ଠିକ୍ ମାର୍ଗରେ ବିଚଳିତ ହେବାକୁ ଦିଏନି । ସମୟ ସହିତ ବଢୁଥିବା ଅନୁଭବ ମଧ୍ୟ ଜ୍ଞାନର ଧାରାକୁ ଆହୁରି ପ୍ରଖର ବନେଇଥାଏ । ଯାହା ଜୀବନର ନୌକାକୁ ଆଗକୁ ବଢ଼େଇବାରେ ସହାୟକ ହୋଇଥାଏ । ଭୌତିକ ସଂସାଧନ ସଂଚୟ କରିଥାନ୍ତି । ଯଦ୍ୟପି ଏହି ବସ୍ତୁ ଉପରେ ଗୋଟିଏ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ସଂଚୟ ମଧ୍ୟ ସେତିକି ଆବଶ୍ୟକ ହୋଇଥାଏ ଆଉ ତାହା ହେଲା ଜ୍ଞାନର ସଂଚୟ । ଧନର ସଂଚୟ ଆପଣଙ୍କୁ ଅଭିମାନ, ବସ୍ତୁର ସଂଚୟ ଆପଣଙ୍କୁ ଲୋଭୀ ବନେଇ ଦିଏ । କିନ୍ତୁ ଜ୍ଞାନର ସଂଚୟ ଆପଣଙ୍କୁ ଏହି ଦୁର୍ଗୁଣରୁ ସର୍ବଦା ଦୂରରେ ରଖିଥାଏ । ଜ୍ଞାନଚକ୍ଷୁ ସର୍ବଦା ଖୋଲା ରହୁ, ସେଥିପାଇଁ ଆବଶ୍ୟକ ଆମେ ଜ୍ଞାନରୂପୀ ସାଗରରେ ସର୍ବଦା ପହଁରିବା । ଯେଉଁଠି ଜ୍ଞାନର ସମାଗମ ହେବ ସେଠାରେ କେବଳ ଏହାର ଶ୍ରବଣ ହିଁ କରିବନି, ଅପିତୁ ଏହାକୁ ନିଜର ଅନ୍ତଃକରଣରେ ଆତ୍ମସାତ୍ କରିବାକୁ ହେବ । ସମୟ ସହିତ ଭୌତିକ ସଂସାଧନ ତ ନଷ୍ଟ ହୋଇପାରେ, କିନ୍ତୁ ଅର୍ଜିତ ଜ୍ଞାନକୁ କେହି ଆପଣଙ୍କ ଠାରୁ ଛଡ଼େଇ ନେଇପାରିବେନି । ଜ୍ଞାନାର୍ଜନ ସହିତ ଏହା ମଧ୍ୟ ସ୍ମରଣ ରହୁ କି, ଆମ ଭିତରର ଅଭିମାନ ଯୋଗ ନହେଉ । କାହିଁକି, ଜ୍ଞାନ ଯେତେବେଳେ ଅଭିମାନର ଜାମା ପିନ୍ଧିନିଏ, ତାହେଲେ ଆମର ସେହି ସଂଚୟର କ୍ଷୟ ହେବାକୁ ଲାଗେ । ଜ୍ଞାନର ସଂଚୟ-କ୍ଷୟ ହେବା ଏହି କଥାର – ମନୋଜ କୁମାର ବେହେରା, ମୋ: ୭୯୭୮୮୩୦୬୧୧ କରିବା ଉଚିତ, ପ୍ରଥମ ବିକଳ୍ପ ଭାବେ ଆଦୌ ନୁହେଁ । ଏବେ ସର୍ବଜନାଦୃତ ପୁରାଣ ମହାଭାରତ କଥା ଦେଖନ୍ତୁ । ମହାକାବ୍ୟ ମହାଭାରତ ପୌରାଣିକ ଓ ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବେସିତ ହୋଇଥିଲେ ମଧ୍ୟ ଏଥିରୁ ଅନେକ ଶିକ୍ଷଣୀୟ କଥାବସ୍ତୁ ମିଳିଥାଏ । ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ସାମ, ଦାନ, ଭେଦ ନୀତି ଆପଣେଇ ପାଣ୍ଡବ କୌରବ ବିବାଦ ସମାଧାନ କରିବାକୁ ପ୍ରୟାସ କରି ବିଫଳ ହେବା ପରେ ଯୁଦ୍ଧକୁ ଅନ୍ତିମ ବିକଳ୍ପ ଭାବେ ଗ୍ରହଣ କରିବାକୁ ବାଧ୍ୟ ହୋଇ, ଏହା ମାଧ୍ୟମରେ କୌରବମାନଙ୍କ ପାଇଁ ଦଣ୍ଡ ବିଧାନ କରିଥିଲେ । ଶ୍ରୀକୃଷ୍ଣ ପ୍ରଥମେ ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟରେ ନ୍ୟାଯ୍ୟ ପ୍ରାପ୍ୟ ଦେଇ ସମସ୍ୟାର ଆପୋସ ସମାଧାନ କରିବାକୁ ମହାରାଜ ଧୃତରାଷ୍ଟ୍ରଙ୍କୁ ଦେଇଥିବା ପ୍ରସ୍ତାବ ଶକୁନିଙ୍କ ପ୍ରରୋଚନାରେ ଦୁର୍ଯ୍ୟୋଧନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ମାତ୍ର ପାଞ୍ଚଖଣ୍ଡ ପଡ଼ା ପାଣ୍ଡବମାନଙ୍କୁ ଦାନ ଦେବାପାଇଁ ଶ୍ରୀକୃଷ୍ଣ ଅନୁରୋଧ କରିଥିଲେ । ସେ ପ୍ରସ୍ତାବକୁ ମଧ୍ୟ ଦୁର୍ଯ୍ୟୋଧନ ପ୍ରତ୍ୟାଖ୍ୟାନ କଲାବେଳେ ଧୃତରାଷ୍ଟ୍ର ନିରବ ସମର୍ଥନ ଦେଇଥିଲେ । ଶ୍ରୀକୃଷ୍ଣ ଗୁପ୍ତରେ କର୍ଣ୍ଣଙ୍କ ନିକଟକୁ ଯାଇ ତାଙ୍କ ଜନ୍ମ ବୃତାନ୍ତ ବର୍ଣ୍ଣନା କରି ସେ ସୁତ ପୁତ୍ର ନୁହେଁ, ଜ୍ୟେଷ୍ଠ ପାଣ୍ଡବ ଅଟନ୍ତି ଓ ସେ ପାଣ୍ଡବମାନଙ୍କ ପକ୍ଷରେ ରହିବା ଉଚିତ କହିବାରେ କର୍ଣ୍ଣ ପ୍ରସ୍ତାବକୁ ଅସ୍ୱୀକାର କରି ଦୁର୍ଯ୍ୟୋଧନ ପ୍ରତି ନିଜ ଆନୁଗତ୍ୟ ଦୋହରାଇଥିଲେ । ଶେଷ ବିକଳ୍ପ ଭାବେ ଯୁଦ୍ଧକୁ ଗ୍ରହଣ କରିବା ବ୍ୟତୀତ ଶ୍ରୀକୃଷ୍ଣଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନଥିଲା । ଆମେ ସମସ୍ତେ ଉଣାଅଧିକେ ଯୁଦ୍ଧର ଭୟାବହ ପରିଣାମ ସମ୍ପର୍କରେ ଅବଗତ ଥାଇ ମଧ୍ୟ ଯୁଦ୍ଧମନସ୍କ ରହୁଛୁ, ଏହି ମନୋଭାବକୁ କିପରି ଏଡ଼ାଇ ହେବ, ଏହାର ସମ୍ଭାବ୍ୟ ନିରାକରଣ ଉପରେ କିଂଚିତ ଆଲୋକପାତ କରିବା ପ୍ରାସଙ୍ଗିକ ମନେହୁଏ । ସର୍ବପ୍ରଥମେ ବ୍ୟକ୍ତିବିଶେଷଙ୍କ ମନରେ ଏକ ଭୟ, ସନ୍ଦେହ ଓ ଆଶଙ୍କାମୁକ୍ତ ଶୁଦ୍ଧ ଭାବନା ଜାଗ୍ରତ ହେବା ଆବଶ୍ୟକ । ସେମାନେ କୌଣସି ଚାଞ୍ଚଲ୍ୟକର, ଭୀତିପ୍ରଦ ଘଟଣାବଳୀଠାରୁ ଦୂରେଇ ରହିବା ବାଞ୍ଛନୀୟ ଅଟେ । ବ୍ୟକ୍ତିବିଶେଷ ଉଦାରମନା, ସମ୍ବେଦନଶୀଳ, ସହାନୁଭୂତିଶୀଳ, ସମାନୁଭୂତିସମ୍ପନ୍ନ ହେବା ଆବଶ୍ୟକ । 'ଆମ୍ଭେ' ଓ 'ସେମାନେ' ମନୋଭାବ ପରିହାର କରି ମହାଉପନିଷଦ ବାଣୀ 'ବସୁଧୈବ କୁଟୁମ୍ବକମ୍' (ବିଶ୍ୱ ପରିବାର) ଆଦର୍ଶରେ ପରିଚାଳିତ ହେବା ବିଧେୟ । ନିଜ ମଧ୍ୟରୁ ଅହଂଭାବ ପରିହାର କରି ଦୟା, କରୁଣା, ଅନୁକମ୍ପା ଭାବ ପୋଷଣ କରିବା ବାଞ୍ଛନୀୟ । ପ୍ରତ୍ୟେକ ମଣିଷ ଭିତରେ ପରମାତ୍ମାଙ୍କ ଅଂଶ ଜୀବାତ୍ମା ବିଦ୍ୟମାନ ଥିବାରୁ କାହାକୁ ହେୟଜ୍ଞାନ ନକରି ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ଉଗ୍ରତା, ଆତ୍ମବଡ଼ିମା ଓ ଅହଂକାର ପରିହାର କରି ସହନଶୀଳତା, ଧୈର୍ଯ୍ୟ ଓ କ୍ଷମା ଗୁଣ ଆହରଣ କରିବା ଆବଶ୍ୟକ । ଉପରୋକ୍ତ ବିନ୍ଦୁଗୁଡ଼ିକ ଉପରେ ବିଶ୍ୱବାସୀ ଧ୍ୟାନ କେନ୍ଦ୍ରୀଭୂତ କଲେ ସମ୍ପ୍ରତି ଚାଲୁରହିଥିବା ରୁଷ-ୟୁକ୍ରେନ, ଆମେରିକା-ଇରାନ ଯୁଦ୍ଧର ପରିସମାପ୍ତି ସହ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇହେବ । ବିଶ୍ୱକଲ୍ୟାଣ ପରିପ୍ରେକ୍ଷୀରେ ସାମ୍ପ୍ରତିକ ଯୁଦ୍ଧର ପରିସମାପ୍ତି ନିତାନ୍ତ ଆବଶ୍ୟକ । ଏବେ ସର୍ବଜନାଦୃତ ପୁରାଣ ମହାଭାରତ କଥା ଦେଖନ୍ତୁ । ମହାକାବ୍ୟ ମହାଭାରତ ପୌରାଣିକ ଓ ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବେସିତ ହୋଇଥିଲେ ମଧ୍ୟ ଏଥିରୁ ଅନେକ ଶିକ୍ଷଣୀୟ କଥାବସ୍ତୁ ମିଳିଥାଏ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଭାଷା ସମୃଦ୍ଧ ହେଲେ ସମାଜ ସମୃଦ୍ଧ, ସମାଜ ସମୃଦ୍ଧ ହେଲେ ରାଷ୍ଟ୍ର ଶକ୍ତିଶାଳୀ



ଝାରସୁଗୁଡ଼ା, ୪/୭(ନି/ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱର୍ଣ୍ଣକ୍ଷେତ୍ର ଦିବସ ଅବସରରେ ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟ ଉପରେ ପ୍ରବନ୍ଧ ଲିଖନ, ବକ୍ତୃତା, କବିତା ଆବୃତି ଏବଂ ସାଧାରଣଜ୍ଞାନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କନିଷ୍ଠ ବର୍ଗରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ଏବଂ ବରିଷ୍ଠ ବର୍ଗରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଗଭୀର ଆଗ୍ରହ ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାଷା ସମୃଦ୍ଧ ହେଲେ, ସମାଜ ସମୃଦ୍ଧ ଏବଂ ସମାଜ ସମୃଦ୍ଧ ହେଲେ ରାଷ୍ଟ୍ର ଶକ୍ତିଶାଳୀ ହୁଏ, ତେଣୁ ସ୍ୱର୍ଣ୍ଣକ୍ଷେତ୍ର ଦିବସ ରେ ଓଡ଼ିଆ ଭାଷା ର ସୁରକ୍ଷା ଓ ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ମୃତ୍ୟୁଞ୍ଜୟ ଶବର ଯୋଗଦେଇ ଭାଷାର ଉନ୍ନତି ହେଲେ ସାହିତ୍ୟ, କଳା,ସଂସ୍କୃତି,ବିଜ୍ଞାନ, ଶିକ୍ଷାର ମଧ୍ୟ ବିକାଶ ହୋଇଥାଏ। ଏଣୁ ଓଡ଼ିଆ ଭାଷାକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା, ବ୍ରଜରାଜନଗର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀକର ଭୋଇ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟା ଡ଼. ଶିବପ୍ରିୟା ମିଶ୍ର, ଏଆଇପିଏସଏମର ପରାମର୍ଶଦାତା, ନିରଞ୍ଜନ ମାଳି, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, କବୟିତ୍ରୀ ଅଞ୍ଜଳିପ୍ରଭା ପଟ୍ଟନାୟକ ଏବଂ ସୁଡ଼ଙ୍ଗ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପରେ ବିଚାରକମାନଙ୍କ ଦ୍ୱାରା ଚୟନ କରାଯାଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ବିତରଣ କରିବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୧୨ ଜୁଲାଇରେ ଏବଂ ବରିଷ୍ଠ ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ୧୯ ଜୁଲାଇରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭୁବନେଶ୍ୱର ଯିବେ। ପ୍ରବନ୍ଧ କନିଷ୍ଠ ବର୍ଗରେ ଡି ଏଭି ସ୍କୁଲ, ବନବାହାଲର ସନ୍ତୋଷିନୀ ସାହୁ ଏବଂ ବକ୍ତୃତା ରେ ପ୍ରତ୍ୟୁଷା ବିଶ୍ୱାଳ, କବିତା ଆବୃତି ରେ ସେଂଟ ଫୋମାସ ସ୍କୁଲ ର ଆଦ୍ୱିତା ଦୀକ୍ଷିତ ଏବଂ ସାଧାରଣଜ୍ଞାନ ରେ ଅର୍ଣ୍ଣବ ପଣ୍ଡା ଓ ବରିଷ୍ଠ ବର୍ଗ ପ୍ରବନ୍ଧ ରେ ଓଡିଶା ଆଦର୍ଶ ବିଦ୍ୟାଳୟ ଏସ କଟାପାଲି ର ଆଶୁତୋଷ ସ୍ୱାଇଁ, ବକ୍ତୃତା ରେ ଓଡିଶା ଆଦର୍ଶବିଦ୍ୟାଳୟ, ପତ୍ରକ୍ଷପାଲି ର ତପସ୍ୱିନୀ ବେହେରା, କବିତା ଆବୃତିରେ କେ ଜି ବାଳିକା ବିଦ୍ୟାଳୟ, ସମାସିଙ୍ଗାର ପ୍ରିୟଙ୍କା ନାଗ ଏବଂ ସାଧାରଣ ଜ୍ଞାନରେ ଓ ପି ଏମ ବାଳିକା ବିଦ୍ୟାଳୟ, ବ୍ରଜରାଜନଗରର ସୁଦିପ୍ତି ନାହାକ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗର କର୍ମଚାରୀ ଧୀରଜ ରୋଶନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସୁଡ଼ଙ୍ଗ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ସହାୟକ ଅକ୍ଷଲିଶ ପଟେଲ,କର୍ମଚାରୀ ରାଜେଶ ସେଠ, ସମୀର କିସାନ,ମୌସମ ପଟେଲ,ମନବୋଧ ବଗର୍ତୀ,ନିହାଲ ଭୋଇ, ରବୀନ୍ଦ୍ର ନିଆଲ ପ୍ରମୁଖ ସହଯୋଗ କରିଥିଲେ। ଏହିକାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ।

## ସାର ଅଭାବ ନେଇ ଜିଲ୍ଲା କୃଷି କାର୍ଯ୍ୟାଳୟ ଘେରାଉ

ସମ୍ବଲପୁର,୪/୭(ନି/ପ୍ର): ସମ୍ବଲପୁରରେ ଖରିଫ ଋତୁ ଆରମ୍ଭ ନ ହେଉଣୁ ସାର ଅଭାବକୁ ନେଇ ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ପ୍ରତିବାଦରେ ଆଜି ଚାଷୀମାନେ ସମ୍ବଲପୁର କୃଷି କାର୍ଯ୍ୟାଳୟକୁ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ସରକାରୀ ବ୍ୟବସ୍ଥାରେ ପ୍ରାୟ ୬୦ ପ୍ରତିଶତ ସାର ସେବା ସମବାୟ ସମିତି ମାଧ୍ୟମରେ ଏବଂ ଅବଶିଷ୍ଟ ୪୦ ପ୍ରତିଶତ ବେସରକାରୀ ଡିଲରଙ୍କ ଜରିଆରେ ବିକ୍ରି କରାଯାଉଛି। କିନ୍ତୁ ସମବାୟ ସମିତିଗୁଡ଼ିକରେ ସାରର ଘୋର ଅଭାବ ଥିବାବେଳେ ବେସରକାରୀ ଡିଲରମାନେ ଅଧିକ ଦାମରେ ସାର ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଣ, କଳାବଜାରୀ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଚାଷୀମାନେ ଆଜି କୃଷି କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ କରିଛନ୍ତି।

## ଖସଡ଼ା ଭୋଟର ତାଲିକା ପ୍ରକାଶ ସମ୍ପର୍କିତ ଦାବି-ଆପତି ପ୍ରକ୍ରିୟାରେ ସକ୍ରିୟ ସହଯୋଗ ପାଇଁ ରାଜନୈତିକ ଦଳଙ୍କୁ ଜିଲ୍ଲାପାଳଙ୍କ ଆହ୍ୱାନ

ଝାରସୁଗୁଡ଼ା,୪/୭(ନି/ପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନେଇ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଏନ୍ୟୁମେରେସନ୍ ଫର୍ମ ବଂଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଆସନ୍ତା ୫ ଜୁଲାଇ ୨୦୨୬ ତାରିଖରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଖସଡ଼ା ଭୋଟର ତାଲିକା ସମ୍ପର୍କରେ ଦାବି ଓ ଆପତି ଦାଖଲ କରାଯାଇପାରିବ। ଜିଲ୍ଲାପାଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କୁ ଖସଡ଼ା ଭୋଟର ତାଲିକା ଯାଂଚ କରିବା ସହ ଦାବି-ଆପତି ପ୍ରକ୍ରିୟାରେ ସକ୍ରିୟ ଭାବେ ସହଭାଗୀ ହେବାକୁ ଆହ୍ୱାନ କରିଥିଲେ। ଯେପରି କୌଣସି ଯୋଗ୍ୟ ମତଦାତା ଭୋଟର ତାଲିକାରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା ଯୁବ ସଭାପତି ଗୋପାଳ ପଟେଲ, ବିଜୁ ଜନତା ଦଳ ପକ୍ଷରୁ ରଘୁନନ୍ଦନ ପାଢ଼ୀ ଓ ପ୍ରମୋଦ କୁମାର ଗଡ଼ତିଆ, ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଟାଉନ ସଭାପତି ଦେବାନନ୍ଦ ବାରିକ ଓ ପୂର୍ବତନ ଟାଉନ ସଭାପତି ସଞ୍ଜୟ କୁମାର ମହାପାତ୍ର, ବହୁଜନ ସମାଜ ପାର୍ଟି ପକ୍ଷରୁ ଜିଲ୍ଲା ସଭାପତି ଲକ୍ଷ୍ମଣ ଉର୍ମା ଓ ଜିଲ୍ଲା ସାଧାରଣ ସମ୍ପାଦକ ଅଲେନ୍ଦ୍ର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୦୬-ବ୍ରଜରାଜନଗର ବିଧାନସଭା କ୍ଷେତ୍ର ଲଳିତ ସୋରେଙ୍ଗ, ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ୦୭-ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ସନ୍ତୋଷ କୁମାର ନାୟକ, ଦୁଷ୍ମନ୍ତ ମହାନ୍ତି ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତକ୍ଷକାନ୍ତି ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ଜିଲ୍ଲା କାରାଗାରରେ ଜେଲ୍ ଡିଆଇଜିଙ୍କ ଚଢ଼ାଉ




ଝାରସୁଗୁଡ଼ା,୪/୭(ନି/ପ୍ର): ଝାରସୁଗୁଡ଼ା ସ୍ଥିତ ଜିଲ୍ଲା କାରାଗାରରେ ଗତକାଲି ବିଳମ୍ବିତ ରାତିରେ ଜେଲ୍ ଡିଆଇଜିଙ୍କ ନେତୃତ୍ୱରେ ଚଢ଼ାଉ ହୋଇଛି। ଏଥିରେ ସମ୍ବଲପୁର ଜେଲର ବି ଚଢ଼ାଉରେ ସାମିଲ ଥିବା ସୂଚନା ମିଳିଛି। ତେବେ, ଚଢ଼ାଉ ବେଳେ କଏଦୀଙ୍କ ଠାରୁ ମଦ ଓ ଗଞ୍ଜେଇ ମଧ୍ୟ ମିଳିଥିବା ସୂଚନା ମିଳିଛି। ଏପରିକି ବିସଲାରି ପାଣି ବୋତଲରେ ମଦ ରଖାଯାଇଥିବା ନେଇ ବି ସୂଚନା ମିଳିଛି। ହେଲେ ଏନେଇ କର୍ତ୍ତୃପକ୍ଷ କୌଣସି ସୂଚନା ଦେବାକୁ ମନା କରିଛନ୍ତି। ସେପଟେ ସପ୍ତାହେ ତଳେ ଜେଲରେ ଏସପିଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉ ବେଳେ ବିଡ଼ି, ସିଗାରେଟ, ଭାଙ୍ଗ ଆଦି ବହୁ ମାଦକ ଦ୍ରବ୍ୟ ଜବତ ହୋଇଥିଲା।

## ଭିମସାରରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ କଳାବ୍ୟାଜ ପିନ୍ଧି ଡାକ୍ତରଙ୍କ ପ୍ରତିବାଦ



ସମ୍ବଲପୁର, ୪/୭(ନି/ପ୍ର): ମେଡିକାଲ ସର୍ଭିସେସ୍ ଆସୋସିଏସନର ଚାଲିଥିବା ଆନ୍ଦୋଳନ ଯୋଗୁଁ ବୁର୍ଲାସ୍ଥିତ ଭିମସାରରେ ସ୍ୱାସ୍ଥ୍ୟ ସେବା ବ୍ୟାହତ ହେବାରେ ଲାଗିଛି। ପଶ୍ଚିମ ଓଡ଼ିଶାର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ହୋଇଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ ରୋଗୀ ଭିମସାରକୁ ଆସୁଛନ୍ତି। କିନ୍ତୁ କର୍ମଚାରୀ ଅଭାବ ଓ ଅତ୍ୟଧିକ ଭିଡ଼ ଯୋଗୁଁ ଗୁରୁତର ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଦିନରାତି ସେବା ଯୋଗାଇ ଆସୁଥିବା ଡାକ୍ତରମାନେ ମଧ୍ୟ ଶାରୀରିକ ଓ ମାନସିକ ଭାବେ କ୍ଳାନ୍ତ ହୋଇପଡ଼ିଥିବା କୁହାଯାଇଛି। ଏଭଳି ପରିସ୍ଥିତି ଆହୁରି ୪୮ ଘଣ୍ଟା ଜାରି ରହିଲେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହେବା ସହ ରୋଗୀଙ୍କୁ ମିଳୁଥିବା ଚିକିତ୍ସାର ଗୁଣବତ୍ତା ଓ ପରିମାଣ ଉଭୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ମେଡିକାଲ ସର୍ଭିସେସ୍ ଆସୋସିଏସନର ନ୍ୟାୟସଙ୍ଗତ ଦାବିକୁ ସମର୍ଥନ ଜଣାଇ ଆଜିଠାରୁ ଭିମସାରର ଡାକ୍ତରମାନେ ଡ୍ୟୁଟି ସମୟରେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଛନ୍ତି। ସେମାନେ ରାଜ୍ୟ ସରକାରଙ୍କୁ ତୁରନ୍ତ ହସ୍ପିଟାଲର ଅଚଳାବସ୍ଥାର ସମାଧାନ କରି ସ୍ୱାସ୍ଥ୍ୟ ସେବାକୁ ସ୍ୱାଭାବିକ କରିବାକୁ ଅନୁରୋଧ କରିଛନ୍ତି।

## ଝାରସୁଗୁଡ଼ାରେ ଭି ବି ଜି ରାମ ଜି କାର୍ଯ୍ୟକ୍ରମର ଶୁଭାରମ୍ଭ: ଗ୍ରାମୀଣ ବିକାଶକୁ ମିଳିବ ନୂଆ ଦିଗ



ଝାରସୁଗୁଡ଼ା,୪/୭(ନି/ପ୍ର): ପଂଚାୟତୀରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ନୂତନ ପଦକ୍ଷେପ 'ଭି ବି ଜି ରାମ ଜି' କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଜନସମ୍ମିଳନୀ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିସରରେ ସ୍ଥିତ ଅଡିଟରିୟମ ଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ ପୂର୍ବକ କାର୍ଯ୍ୟକ୍ରମର ଭବ୍ୟ ଶୁଭାରମ୍ଭ ହୋଇଥିଲା। ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ (ଡିପିଏମ୍) ଡ଼ ପୁଷ୍ପଶ୍ରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି 'ଭି ବି ଜି ରାମ ଜି' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗ୍ରାମୀଣ ବିକାଶରେ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଜାତୀୟସ୍ତରରେ କାର୍ଯ୍ୟକ୍ରମର ଶୁଭାରମ୍ଭର ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ତାଙ୍କ ବକ୍ତବ୍ୟରେ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମୀଣ ଭିତିଭୂମିର ବିକାଶ, ଆର୍ଥିକ ସଶକ୍ତିକରଣ ଏବଂ ତୃଣମୂଳ ସ୍ତରର ବିକାଶ ପାଇଁ ଏହି ଯୋଜନା ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତ ବିଭାଗ ଓ ଜନସାଧାରଣଙ୍କ ସମନ୍ୱିତ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଙ୍କ ପ୍ରତିନିଧି ସଞ୍ଜୟ ସିଂ ଯୋଗଦେଇ ନିଜର ବକ୍ତବ୍ୟରେ କହିଥିଲେ ଯେ ପୂର୍ବରୁ ୧୦୦ ଦିନର କର୍ମନିଯୁକ୍ତି ବଦଳରେ ବର୍ତ୍ତମାନ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି ବ୍ୟବସ୍ଥା କରାଯାଇଛି। ସେହିପରି ଶ୍ରମିକଙ୍କ ମଜୁରୀ ହାର ୨୯୮ ଟଙ୍କାରୁ ବୃଦ୍ଧି ପାଇ ୩୨୭ ଟଙ୍କା କରାଯାଇଥିବାରୁ ଗ୍ରାମୀଣ ପରିବାରମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ, ଫଳରେ କୌଣସି ଶ୍ରମିକ ଦେଶାନ୍ତର ହେବେ ନାହିଁ। ବରଗଡ଼ ଲୋକସଭା ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସର୍ଣ୍ଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହି ଯୋଜନା ମାଧ୍ୟମରେ ୧୨୫ ଦିନର ନିଶ୍ଚିତ କର୍ମନିଯୁକ୍ତି, ଡିଜିଟାଲ୍ ବ୍ୟବସ୍ଥା ଓ ସ୍ମାର୍ଟ ଜବ୍ କାର୍ଡ ଭଳି ସୁବିଧା ଗ୍ରାମୀଣ ଶ୍ରମିକଙ୍କୁ ସଶକ୍ତ କରିବ ଏବଂ ଏହା ଗ୍ରାମାଂଚଳର ଅର୍ଥନୀତିକୁ ମଜବୁତ କରିବା ସହ କର୍ମନିଯୁକ୍ତିର ସୁଯୋଗ ବୃଦ୍ଧି କରିବ ବୋଲି ମତବ୍ୟକ୍ତ କରିଥିଲେ। ମଂଚାସୀନ ସମ୍ମାନୀତ ଅତିଥି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାଏକ ତାଙ୍କ ବକ୍ତବ୍ୟରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସକ୍ରିୟ ଭାଗିଦାରୀ ଅତ୍ୟନ୍ତ ଆବଶ୍ୟକ ଏବଂ ଏହା ଗ୍ରାମାଂଚଳର ସାମଗ୍ରିକ ବିକାଶ ଏବଂ ଲୋକଙ୍କ ଜୀବନଜୀବିକାରେ ନୂତନ ସମ୍ଭାବନା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦର ପିଏମ୍ (ଆଇଟି) ପ୍ରସନ୍ନ କୁମାର ଦାଶ ଯୋଜନାର ବିଭିନ୍ନ ବୈଶିଷ୍ଟ୍ୟ, ଡିଜିଟାଲ୍ ସ୍କାନିଂ ବ୍ୟବସ୍ଥା, ସ୍ମାର୍ଟ ଜବ୍ କାର୍ଡ, ସ୍ୱଚ୍ଛ କାର୍ଯ୍ୟପ୍ରଣାଳୀ ଏବଂ ଏହାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ପାୱାର ପଏଂଟ ମାଧ୍ୟମରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ (ୱାର୍କ ଅର୍ଡର) ବଂଟନ କରାଯାଇଥିଲା। ଅତିରିକ୍ତ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ସୂର୍ଯ୍ୟାଂଶୁ ରତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ପଂଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଗଣ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ।

## ବେଲମୁଣ୍ଡାରେ ବଜ୍ରପାତରେ ୨ ଗାଈ ମୃତ

ଝାରସୁଗୁଡ଼ା,୪/୭(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ସମାସିଂହା ପଂଚାୟତ ଅଧିନସ୍ଥ ବେଲମୁଣ୍ଡା ଗ୍ରାମରେ ଗୁରୁବାର ଅପରାହ୍ନ ରେ ପ୍ରବଳ ବଜ୍ରପାତ ଘଟି ୨ ଗାଈ ଙ୍କ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁବାର ଅପରାହ୍ନରେ କୋଲାବିରା ବ୍ଲକ ଅଂଚଳରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବେଲମୁଣ୍ଡା ବେଦୀଛକରୁ ଭୋଗରାପାଲି ଯିବା ରାସ୍ତାରେ ବର୍ଷାରୁ ରକ୍ଷା ପାଇବା ପାଇଁ ୨ଟି ଗାଈ ଏକ ଆମ୍ବ ଗଛ ତଳେ ଆଶ୍ରୟ ନେଇ ଥିବା ସମୟରେ ଏକ ବଡ ବଜ୍ରପାତ ଘଟିଥିଲା। ଫଳରେ ଘଟଣା ସ୍ଥଳରେ ହିଁ ୨ ଗାଈଙ୍କ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି।

## ରୋଟାରୀ କ୍ଲବ୍ ଭଦ୍ରକ ପକ୍ଷରୁ ସେବାମୂଳକ କାର୍ଯ୍ୟକ୍ରମ

ଭଦ୍ରକ,୪/୭(ନି/ପ୍ର): ଭଦ୍ରକ,ମନୂତନ ରୋଟାରୀ ବର୍ଷର ପ୍ରଥମ ଦିବସରେ ରୋଟାରୀ କ୍ଲବ୍ ଭଦ୍ରକ ପକ୍ଷରୁ ପ୍ରଥମ ମହିଳା ସଭାପତି ରୋ. ସାୟନ୍ତା ସୌରମାଳିନୀ ସାହୁଙ୍କ ନେତୃତ୍ୱରେ ଦିନବ୍ୟାପୀ ବିଭିନ୍ନ ସେବାମୂଳକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ରୋଟାରୀ ଗଭର୍ଣ୍ଣର ରୋ. ଇନ୍ଦ୍ରଜିତ ସାହୁ ଏବଂ କ୍ଲବ୍‌ର ସଦସ୍ୟମାନେ ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ରାଖାଲ ଚନ୍ଦ୍ର ଦାସ ଓ ସଦସ୍ୟ ସ୍ୱର୍ଗତ ପ୍ରକାଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ରୋ. ପ୍ରମୋଦ ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ପରେ ରୋ. ବୈରାଗୀ ଧଳଙ୍କ ସଂଯୋଜନାରେ ରାମକୃଷ୍ଣ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଥିବାବେଳେ ରୋ. ସୀତାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜାତୀୟ ଡାକ୍ତର ଦିବସ ଅବସରରେ ଆଇଏମଏ ସଭାଗୃହରେ ଆୟୋଜିତ ସଭାରେ ଜିଲ୍ଲା ଆଇଏମଏ ସଭାପତି ଡା. ରବୀନ୍ଦ୍ର କୁମାର ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଆଇଏମଏ ରାଜ୍ୟ ସଭାପତି ଡା. ହରେକୃଷ୍ଣ ନାୟକ, ରାଜ୍ୟ ସମ୍ପାଦକ ଡା. ରଞ୍ଜିତ ଖଟୁଆ, କୋଷାଧ୍ୟକ୍ଷ ଡା. ଝସକେତନ ମହାନ୍ତି, ରୋଟାରୀ କ୍ଲବ୍‌ର ଉପସଭାପତି ରୋ. ପ୍ରଣବ କୁମାର ସାହୁ ଏବଂ ଡା. ସୁଧୀରଞ୍ଜନ ନାୟକ ଉପସ୍ଥିତ ଥିଲେ। ବକ୍ତାମାନେ ଡାକ୍ତରମାନଙ୍କ ସେବାଭାବ ଓ ସମାଜ ପ୍ରତି ସେମାନଙ୍କ ଅବଦାନର ପ୍ରଶଂସା କରିଥିଲେ।

## ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ବିମଳ ପ୍ରସାଦ ପରିଡ଼ାଙ୍କୁ ବିପୁଳ ସମ୍ବର୍ଦ୍ଧନା

କେନ୍ଦ୍ରାପଡା,୪/୭(ନି/ପ୍ର):ଦୀର୍ଘ ପଚିଶି ବର୍ଷ ବିଭିନ୍ନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଶେଷରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାଲିଆ ସ୍ଥିତ ଗଛ ମଙ୍ଗଳା ୟୁପି ସ୍କୁଲରୁ ଆଦର୍ଶ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗଛ ମଙ୍ଗଳା ତାପସୀ ହାଇ ସ୍କୁଲର ସଭା କକ୍ଷରେ ସେବା ନିବୃନ୍ନ ୟୁପି ସ୍କୁଲ୍ ପ୍ରଧାନ ଶିକ୍ଷକ ବିମଳ ପ୍ରସାଦ ପରିଡ଼ା ଏବଂ ହାଇ ସ୍କୁଲ ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ରାଉତଙ୍କ ଉଦ୍ଦେଶ୍ୟରେ ଭବ୍ୟ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟ ପରିଚାଳନା କମିଟି ଏବଂ ମହେଶ୍ୱର ସ୍ୱାଇଁ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ଏବଂ ଚନ୍ଦ୍ର ଶେଖର ହାଇ ସ୍କୁଲର ବିଜ୍ଞାନ ଶିକ୍ଷକ ଆଦିକନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଫୋରଡ ବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାସ ମହାରାଜ, ମୁଖ୍ୟ ବକ୍ତା ଭାବେ ପଟ୍ଟାମୁଣ୍ଡାଇ ଜୀବନ ବୀମା ନିଗମର ମୁଖ୍ୟ ପରିଚାଳକ କବି ଅରୁଣ କୁମାର ବିଶ୍ୱାଳ ଏବଂ ସମ୍ମାନୀତ ଅତିଥି ଭାବରେ୍ ଅଦ୍ୱୈତ ଦାସ, ଶିକ୍ଷକ ନେତା ସରୋଜକାନ୍ତ ପାଇଟଲ, ବିଶ୍ୱ ଭୂଷଣ ମଲ୍ଲିକ ଏବଂ ମନୋଜ ନନ୍ଦ ଯୋଗଦେଇ ବିମଳ ପରିଡ଼ାଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଆରମ୍ଭରେ ମା ଗଛ ମଙ୍ଗଳା, ବାବା ମଣି ଏବଂ ହନୁମାନ ଜୀଉଙ୍କ ପୂଜାର୍ଚ୍ଚନା କରାଯିବା ପରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମହେଶ୍ୱର ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭା ପ୍ରାରମ୍ଭରେ ବିମଳ ପରିଡ଼ା ଏବଂ ନିରୁପମା ଜେନାଙ୍କ ନିର୍ଦ୍ଦେଶନାରେ ଭାବଗ୍ରାହୀ କଳା ନିକେତନ ଓ ରେଡିଓ ଭାବଗ୍ରାହୀର କଳାକାରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ମହେଶ୍ୱର ସ୍ୱାଇଁ ଚାରିଟେବୁଲ ଟ୍ରଷ୍ଟ, ରେଡିଓ ଭାବଗ୍ରାହୀ, ବିଭିନ୍ନ ଶିକ୍ଷକ ସଂଘ, ବାଲିଆ ଗ୍ରାମବାସୀ ଏବଂ ଏନ୍ କେ ମଡେଲ ୟୁପି ସ୍କୁଲ୍ କ୍ଲଷ୍ଟର ତରଫରୁ ଉଭୟ ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


**ହୋମି ଭାଭା ବିଜ୍ଞାନ ଶିକ୍ଷା କେନ୍ଦ୍ର**
**ଟାଟା ଇନସ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଟାଂଲ ରିସର୍ଚ୍ଚ**

**ଭାରତୀୟ ଗଣିତ ଅଲମ୍ପିୟାର୍ଡ଼ ଯୋଗ୍ୟତା ଅର୍ଜନକାରୀ ପରୀକ୍ଷା (ଆଇଓକ୍ୟୁଏମ୍) ୨୦୨୬-୨୭**

ଭାରତୀୟ ରାଷ୍ଟ୍ରୀୟ ଗଣିତ ଅଲମ୍ପିୟାର୍ଡ଼ (ଆଇଏନଏମଓ))୨୦୨୭ ରେ ଭାଗନେବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ପାଇଁ ରାଷ୍ଟ୍ରୀୟ ଗଣିତ ଅଲମ୍ପିୟାର୍ଡ଼ ଯୋଗ୍ୟତା ଅର୍ଜନକାରୀ ପରୀକ୍ଷା ରେ ସାମିଲ ହେବା ଅନିବାର୍ଯ୍ୟ ଅଟେ।

**ଏହି ପରୀକ୍ଷା ୬ ସେପ୍ଟେମ୍ବର, ୨୦୨୬ ରେ ଅନୁଷ୍ଠିତ ହେବ।**

(ଆଇଓକ୍ୟୁଏମ୍) ରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଆଇଏନଏମଓ ୨୦୨୭ ରେ ଭାଗ ନେବା ପାଇଁ ବିବେଚିତ ହେବେ।
ଏହି ଅନ୍ତରାଷ୍ଟ୍ରୀୟ ଗଣିତ ଅଲମ୍ପିୟାର୍ଡ଼ (ଆଇଏମଓ) ୨୦୨୭ ଏବଂ ୟୁରୋପୀୟ ଗଲର୍ସ ଗଣିତ ଅଲମ୍ପିୟାର୍ଡ଼ (ଇଜିଏମଓ) ୨୦୨୮ ରେ ଭାରତୀୟ ଟିମର ଅଧିକାରୀ ସଦସ୍ୟ ଭାବରେ ଭାଗିଦାରୀ ଦିଗରେ ପ୍ରଥମ ପର୍ଯ୍ୟାୟ ଅଟେ।

ଅଧିକ ସୂଚନା ଏବଂ ପଞ୍ଜିକରଣ ଲିଙ୍କ୍:
https://olympiads.hbcse.tifr.res.in  https://www.mtai.org.in/

ପଞ୍ଜିକରଣ ସମ୍ବନ୍ଧିତ ପରୀକ୍ଷା କେନ୍ଦ୍ରରେ ସିଧାସଳଖ କରାଯାଇପାରିବ।
ଏହା ବ୍ୟତୀତ ଅନଲାଇନ ପଞ୍ଜିକରଣ ମଧ୍ୟ ୨୯ ଜୁନ ୨୦୨୬ ରୁ ଆରମ୍ଭ ହୋଇଛି
ଅନଲାଇନ ପଞ୍ଜିକରଣ ପାଇଁ ୱେବସାଇଟ୍ https://ioqm.mtai.org.in/

CBC 48143/11/0004/2627

**ପଞ୍ଜିକରଣ ପାଇଁ ଶେଷ ତାରିଖ :୨୫ ଜୁଲାଇ ୨୦୨୬**




# ଡକାୟତି ଉଦ୍ୟମ ପଣ୍ଡ : ୨ ଅଭିଯୁକ୍ତ ଗିରଫ



ବଣାଇଁ,୪/୭(ନି/ପ୍ର): ୨୦୨୬ ଜୁଲାଇ ୩ ତାରିଖ ସକାଳ ୫ଟା ୩୦ ସମୟରେ ବଣାଇ ପୋଲିସ ଷ୍ଟେସନର ସବ-ଇନ୍ସପେକ୍ଟର ଆଦିତ୍ୟ ନାରାୟଣ ବେହେରା (୩୨) ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ, ସେ ୨ ତାରିଖ ମଧ୍ୟରାତ୍ରରେ ମଧରାତ୍ରିରେ ବଣାଇଁ ପୋଲିସ କର୍ମଚାରୀଙ୍କ ସହିତ ପୋଲିସ କ୍ଷେତ୍ରାଧିକାରରେ ରାତ୍ରି ପାଟ୍ରୋଲିଂ ଡ୍ୟୁଟି କରୁଥିବା ସମୟରେ, ସେ ବିଶ୍ୱସ୍ତ ସୂଚନା ପାଇଥିଲେ ଯେ ବଣାଇଁ ପୋଲିସ କ୍ଷେତ୍ରାଧିକାର ଅନ୍ତର୍ଗତ ଭାଟି ଫିଲ୍ଡ, ବଣାଇଁରେ ଏକ ଗୋଷ୍ଠୀ ଏକତ୍ରିତ ହୋଇଛନ୍ତି ଏବଂ ଡକାୟତି କରିବା ପାଇଁ ପ୍ରସ୍ତୁତି କରୁଛନ୍ତି। ସୂଚନା ପାଇ ତୁରନ୍ତ କାର୍ଯ୍ୟ କରି, ପୋଲିସ ଦଳ ଘଟଣାସ୍ଥଳକୁ ଯାଇ ସ୍ଥାନ ଚିହ୍ନଟ କରି ଏକ ଚଢାଉ କରିଥିଲେ। ଜଣେ ବୟସ୍କ ଅଭିଯୁକ୍ତ ଏବଂ ଆଇନ ସହିତ ସଂଘର୍ଷରେ ଥିବା ଜଣେ ଶିଶୁ (ସିସିଏଲ)କୁ ଗିରଫ କରାଯାଇଥିଲା। ପୋଲିସକୁ ଦେଖି ଅନେକ ସନ୍ଦିଗ୍ଧ ବ୍ୟକ୍ତି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଚଢାଉ ସମୟରେ, ପୋଲିସ ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ, ଯେପରିକି ଏକ ଛୁରୀ, ଏକ ଲୁହା ଖଣ୍ଡା, ଏକ ଲୁହା କଙ୍କଡ଼ା, ଏକ ପ୍ୟାକେଟ ଲଙ୍କା ପାଉଡର, ଏକ କଳା ମୁହଁର ମାସ୍କ ଏବଂ ଏକ ବଜାଜ ପଲସର ମୋଟର ସାଇକେଲ ଉଦ୍ଧାର କରିବା ସହ ଜବତ କରିଛି, ଯାହା ପ୍ରସ୍ତାବିତ ଡକାୟତି ପାଇଁ ବ୍ୟବହାର କରାଯିବାକୁ ଉଦ୍ଦିଷ୍ଟ ଥିଲା। ଅଭିଯୁକ୍ତମାନଙ୍କ କବଜାରୁ ଏସି ତମ୍ବା ପାଇପ୍, ସୋଲାର ଚାର୍ଜର, ତାର, ନଟବୋଲ୍ଟ ମଧ ଉଦ୍ଧାର ଏବଂ ଜବତ କରାଯାଇଛି, ଯାହା ଅଭିଯୁକ୍ତମାନେ ପିଏସ୍ କେସ୍ ନଂ ୧୬୯/୨୦୨୬ ତାରିଖ ୦୧.୦୭.୨୦୨୬ ଟ/ଶ୍ବ ୩୦୩ (୨) ଈଘଝ, ୧୭୩/୨୦୨୬, ତାରିଖ ୦୨.୦୭.୨୦୨୬ ଟ/ଶ୍ବ ୩୦୩ (୨) ଈଘଝ ଏବଂ ୧୭୪/୨୬, ତାରିଖ ୧୯୮୦ ରେ ଚୋରି କରିଥିଲେ। ୦୨.୦୭.୨୦୨୬ ଟ/ଶ୍ବ ୩୩୧(୪)/୩୦୫(ବ) ଈଘଝର ଧାରା ଅନୁସାରେ ମାମଲା ରୁଜୁ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବଣାଇଁ ସିଂହ ଟୋଲାର କାଳିଆ ମୁଣ୍ଡା (୨୫), ଅନ୍ୟ ଅଭିଯୁକ୍ତ ହେଲେ ବଣାଇଁ ଅରବିନ୍ଦ ସ୍କୁଲ ନିକଟସ୍ଥ ଦୀପକ ମୁଣ୍ଡା (୧୯)। ସେମାନଙ୍କ ନିକଟରୁ ଧଳା ହ୍ୟାଣ୍ଡେଲ ସହିତ ଗୋଟିଏ ଧାରୁଆ ଛୁରୀ ଏବଂ ଗୋଟିଏ କଳା ରଙ୍ଗର ମୁହଁ ମାସ୍କ, ଲଙ୍କା ପାଉଡର ଗୋଟିଏ ପ୍ୟାକେଟ, ଗୋଟିଏ ପଲସର ବାଇକ୍ ପଞ୍ଜୀକରଣ ନଂ. ଢଉ-୧୪-ଇଏ-୦୫୯୫, ଗୋଟିଏ ଲୁହା କ୍ରୋବାର, ଗୋଟିଏ ଲୁହା ଖଣ୍ଡା, ଏସି ତମ୍ବା ପାଇପ୍, ସୋଲାର ଚାର୍ଜର, ତାର, ନଟବୋଲ୍ଟ ଏବଂ ଅନ୍ୟାନ୍ୟ ସାମଗ୍ରୀ।

## ୭୭ତମ ବନ ମହୋତ୍ସବରେ ବୀରମିତ୍ରପୁର ବିଧାୟକଙ୍କ ବୃକ୍ଷ ରୋପଣ



ରାଉରକେଲା,୪/୭(ନି/ପ୍ର): ବୀରମିତ୍ରପୁର ବନାଂଚଳ ଅନ୍ତର୍ଗତ ଧାର୍ଗିନାଚା ଠାରେ ଆୟୋଜିତ ୭୭ତମ 'ବନ ମହୋତ୍ସବ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୃକ୍ଷ ରୋପଣ କରିଛନ୍ତି ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ। ଏହି ଅବସରରେ ସ୍ଥାନୀୟ ଜନସାଧାରଣ ଓ ବୀରମିତ୍ରପୁର ବନ ବିଭାଗର କର୍ମଚାରୀମାନଙ୍କ ସହ ମିଶି ବୃକ୍ଷରୋପଣ କରିବା ସହିତ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରି ବିଧାୟକ ଶ୍ରୀ ତିର୍କୀ। 'ଆସନ୍ତୁ ସମସ୍ତେ ମିଶି ଗୋଟିଏ ଲେଖାଏଁ ଗଛ ଲଗାଇବା ଏବଂ ଆମ ବୀରମିତ୍ରପୁରକୁ ସବୁଜ ସୁନ୍ଦର କରି ଗଢ଼ିତୋଳିବା କାର୍ଯ୍ୟକ୍ରମରେ ରାଉରକେଲା ଡିଏଫ୍ଓ ରବିକାନ୍ତ ମିନା, ରାଉରକେଲା ଏସିଏଫ୍ ସୁରଜିତ କୁମାର, ବୀରମିତ୍ରପୁର ବନ ଅଧିକାରୀ ସୁଦେଶନା ପ୍ରଧାନ,ବୀରମିତ୍ରପୁର ବିଧାୟକ ପ୍ରତିନିଧି ଶଶି ସାଗର, ବରିଷ୍ଠ ନେତା ଜଗଦୀଶ ଅଗ୍ରୱାଲ, ଛାତ୍ର ନେତା ମହମ୍ମଦ ଏଯାଜ ଆଲମଙ୍କ ସମେତ ବନ ବିଭାଗର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଏହି ୭୭ତମ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ।

## ଉଦିତନଗର ଓରାମପଡାରେ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ (ଗୁଣ୍ଡିଚା ମନ୍ଦିର)ର ପ୍ରାଣପ୍ରତିଷ୍ଠା ମହୋତ୍ସବ



ରାଉରକେଲା, ୪/୭(ନି/ପ୍ର): ହନୁମାନ ବାଟିକା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉଦିତନଗର ଓରାମପଡା ଠାରେ ତ୍ରୀଦିବସିୟ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ (ଶ୍ରୀ ଗୁଣ୍ଡିଚା ମନ୍ଦିର)ର ପ୍ରାଣପ୍ରତିଷ୍ଠା ଉତ୍ସବ ଜୁଲାଇ ୩ ତାରିଖ ଠାରୁ ଆରମ୍ଭ ହୋଇଛି। ହନୁମାନ ବାଟିକା ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁ, ବଡଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରାଙ୍କ ସହିତ ଶ୍ରୀ ସୁଦର୍ଶନ ଗୁଣ୍ଡିଚା ଯାତ୍ରାରେ ଏଠାକୁ ଆସି ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିରର ଆଡପ ମଣ୍ଡପରେ ବିଜେ କରିବେ। ଏହି ତ୍ରୀଦିବସିୟ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ (ଗୁଣ୍ଡିଚା ମନ୍ଦିର) ପ୍ରାଣପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନରେ ଜଳଯାତ୍ରା, ଘଟ ସ୍ଥାପନ ଓ ଅଗ୍ନିସ୍ଥାନ, ମଣ୍ଡଳାଦି ପୂଜା ଏବଂ ଯଜ୍ଞାରମ୍ଭ ହୋଇସାରିଥିଲା ବେଳେ ଆଜି ଦ୍ୱିତୀୟ ଦିନରେ ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞାରମ୍ଭ ହୋଇ ଲକ୍ଷ୍ମୀନୃସିଂହଙ୍କର ମହାସ୍ନାନ ସହିତ ଶୟନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରବିବାର ଦିନ ସୂର୍ଯ୍ୟପୂଜା, ଗୋପୂଜା, ମନ୍ଦିର ପ୍ରତିଷ୍ଠା ସହିତ ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜି ଶ୍ରୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସରେ ମନ୍ଦିର କମିଟି ପକ୍ଷରୁ ଶ୍ରୀମତୀ ସବିତା ରାୟ, ହରିହର ରାଉତରାୟ, ସୁନାକର ନାୟକ, ଅମିତାଭ ସାମଲ, ଜିତୁ ପଟ୍ଟନାୟକ, ହିରୋଜ ରାୟ, ଅରୁଣ କୁଶାଲ, ବୀରକିଶୋର ନାୟକ, ଡି ଉପେନ୍ଦ୍ର, ଅମରଜୀତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଉରକେଲା ପୋଲିସ ପକ୍ଷରୁ ଆନ୍ତଃଜିଲ୍ଲା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ୍ :

### ୨ଟି ଚୋରି ମୋଟର ସାଇକେଲ ଉଦ୍ଧାର



ରାଉରକେଲା,୪/୭(ନି/ପ୍ର): ଶୁକ୍ରବାର ଦିନ ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ୍ ପକ୍ଷରୁ ଯାନବାହାନ ଯାଚଂ ସମୟରେ ଏକ ଆନ୍ତଃଜିଲ୍ଲା ବାଇକ୍ ଚୋରି ରାକେଟର ପର୍ଦ୍ଦାଫାସ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ସୁନ୍ଦରଗଡ଼ର ବିଭିନ୍ନ ଥାନା ଅଂଚଳରୁ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ବାଇକ୍ କ୍ରେତାଙ୍କୁ ମଧ ଗିରଫ କରାଯାଇଛି। ସୂଚନା ଅନୁସାରେ ରାଉରକେଲା ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ଗାଡ଼ି ଚୋରି ମାମଲା ଖୋଳତାଡ କରୁଥିବା ବେଳେ ଏକ ଆନ୍ତଃଜିଲ୍ଲା ବାଇକ୍ ଚୋରି ଗ୍ୟାଙ୍ଗର ଦୁଇ ସଦସ୍ୟଙ୍କୁ ଗିରଫ କରିଛି। ପୋଲିସ ସେମାନଙ୍କ କବଜାରୁ ଦୁଇଟି ଚୋରି ମଟରସାଇକେଲ ଉଦ୍ଧାର କରିଛି। ଅଧିକ ତଦନ୍ତ ଚାଲିଛି, ଏବଂ ଗ୍ୟାଙ୍ଗ ସହିତ ଜଡିତ ଅନ୍ୟ ବ୍ୟକ୍ତିମାନଙ୍କୁ ଖୋଜା ଚାଲିଛି। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୧୧ଟା ସମୟରେ, ଇଝଓ ଝ.ଈ ଏଏସ୍ଆଇ ଏସ୍ ବି ବିଶ୍ୱାଳ ଏବଂ ତାଙ୍କ ପୋଲିସ୍ ଟିମ୍ ପକ୍ଷରୁ ମୋଟରଯାନ ଯାଚଂ ଏବଂ ନାକାବନ୍ଦୀ ଡ୍ୟୁଟିରେ ଥିଲେ। କୁଆରମୁଣ୍ଡାରୁ ଭେଦବ୍ୟାସ ଯାଉଥିବା ଏକ ଲାଲ ହିରୋ ହୋଣ୍ଡା ସ୍ପେଣ୍ଡର ପ୍ରୋ (ପଞ୍ଜିକରଣ ନମ୍ବର ଢଜ-୧୪-ଢ-୦୩୮୦)କୁ ଅଟକାଇ ଡ୍ରାଇଭରଙ୍କୁ ଗାଡ଼ି କାଗଜପତ୍ର ମାଗିଥିଲେ। ଡ୍ରାଇଭର କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତ ସ୍ୱୀକାର କରିଥିଲା ଯେ ମୋଟରସାଇକେଲଟି ବଣାଇଁ ଅଂଚଳରୁ ଚୋରି ହୋଇଥିଲା ଏବଂ ବିକ୍ରୟ ପାଇଁ ଓଡଉ ଅଂଚଳକୁ ନିଆଯାଉଥିଲା। ଅଭିଯୁକ୍ତ ଜଣକ ହେଲେ ବିଶ୍ରା ଥାନା ଅନ୍ତର୍ଗତ ମାସୁରିକୁଦର ବାସିନ୍ଦା ଦୀନବନ୍ଧୁ ଓରଫ ଦିନନାଥ ମୁଣ୍ଡାରୀ (୪୩) ଏବଂ ସେ ବର୍ତମାନ ବ୍ରାହ୍ମଣୀତରଙ୍ଗ ଥାନା ଅଂଚଳର ଝାରତରଙ୍ଗର ବାସିନ୍ଦା ବୋଲି ଚିହ୍ନଟ ହୋଇଛି। ପଚରାଉଚରା ସମୟରେ, ଅଭିଯୁକ୍ତ ଏକ ହିରୋ ସ୍ପେଣ୍ଡର ପ୍ରୋ (ପଞ୍ଜିକରଣ ନମ୍ବର ଓଡ଼ି-୧୪-କେ-୬୩୮୨) ଚୋରି କରିଥିବା ମଧ ସ୍ୱୀକାର କରିଛି। ସେ ପ୍ରକାଶ କରିଛି ଯେ ସେ ବଣାଇ, ବିସ୍ରା, ବେଦବ୍ୟାସ, ରାଉରକେଲା ଟାଉନ୍, ସବଡେଗା, ତଲସରା, ସୁନ୍ଦରଗଡ଼ ଟାଉନ୍ ସଦର ଥାନା ଅଂଚଳରୁ ମୋଟରସାଇକେଲ ଚୋରି କରିଥିଲା। ଅଭିଯୁକ୍ତ ମଧ ପ୍ରକାଶ କରିଛି ଯେ ସେ ଚୋରା ମୋଟରସାଇକେଲଗୁଡ଼ିକୁ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ଏବଂ ବର୍ତ୍ତମାନ ଝାରତରଙ୍ଗର ଭଣ୍ଡାରଟୋଲିରେ ରହୁଥିବା ରାଜମିସ୍ତ୍ରୀ ଶମ୍ଭୁ କୁମାର ବାଉରୀ (୪୦) ମାଧ୍ୟମରେ ପ୍ରଦାନ କରୁଥିଲା। ପୋଲିସ ଶମ୍ଭୁ କୁମାର ବାଉରୀକୁ ମଧ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ପୋଲିସ ଦୁଇଟି ଚୋରି ମୋଟରସାଇକେଲ ଜବତ କରିଛି। ଅଭିଯୁକ୍ତଙ୍କ ଅପରାଧିକ ପୃଷ୍ଠଭୂମି ଯାଚଂ କରାଯାଉଛି। ଅନ୍ୟାନ୍ୟ ଯାନବାହାନ ଚୋରି ମାମଲାରେ ସେମାନଙ୍କର ସମ୍ପୃକ୍ତି ନିର୍ଣ୍ଣୟ କରିବା ଏବଂ ଅନ୍ୟ ଗ୍ୟାଙ୍ଗ ସଦସ୍ୟଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ତଦନ୍ତକୁ ଜୋରଦାର କରାଯାଇଛି।

## ରାଉରକେଲା ଷ୍ଟିଲ ସିଟିର ସ୍ଥାପନା ଦିବସ

ରାଉରକେଲା,୪/୭(ନି/ପ୍ର): ରୋଟାରୀ କ୍ଲବ ଅଫ୍ ରାଉରକେଲା ଷ୍ଟିଲ ସିଟି ର ସ୍ଥାପନା ଦିବସ ରାଉରକେଲା କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ରୋଟାରିଆନ ଡ ସରିତା ମଲ୍ଲଙ୍କ ଅଧ୍ୟକ୍ଷତା ଓ ରୋଟାରିଆନ ସୁଚିସ୍ମିତା ବିଶ୍ୱାସ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଆଲାମ ସିଂ ରୂପ୍ରା ମୁଖ୍ୟ ଅତିଥି ଓ ଫାଷ୍ଟ ଲେଡି ହରପାଲ ରୂପ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦାୟୀ ସଭାପତି ରୋଟାରିଆନ ବିଣାପାଣି ରଥ ଓ ବିଦାୟୀ ସମ୍ପାଦକ ରୋଟାରିଆନ ରଶ୍ମି ମିଶ୍ର ଙ୍କ ଠାରୁ ୨୦୨୬-୨୭ ପାଇଁ ସଭାପତି ରୋଟାରିଆନ ଡ ସରିତା ମଲ୍ଲ ଓ ସମ୍ପାଦକ ନମିତା ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ରୋଟାରିଆନ ରପ୍ରା କ୍ଲବ ର ଲକ୍ଷ୍ୟ ଓ ଆଭିମୁଖ୍ୟ, ଆବଶ୍ୟକତା ଥିବା ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ସେବା ତଥା ଆନ୍ତର୍ଜାତୀୟ ସ୍ତରରେ ଦୀର୍ଘ ୧୬ ବର୍ଷ ଧରି ଶ୍ରେଷ୍ଠ ଏନଜିଓ ଭାବେ ପ୍ରସିଦ୍ଧି ଲାଭ କରିଥିବା ରୋଟାରୀ କ୍ଲବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହା ସହ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ଓ ସମ୍ପାଦକଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଡ ମଲ୍ଲ ତାଙ୍କ ଅଭିଭାଷଣରେ ଅନୁଷ୍ଠାନ ପ୍ରତି ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିବା ସହ ସମସ୍ତ ଅଭିଜ୍ଞ ବରିଷ୍ଠଙ୍କ ଉପଦେଶ କୁ ଗ୍ରହଣ କରିବା ପାଇଁ ମତ ରଖିଥିଲେ। ଏହି ଅବସରରେ ୩ ଜଣ ନୂତନ ରୋଟାରିଆନ ଙ୍କ ମଧ୍ୟରୁ ଉପସ୍ଥିତ ୨ ଜଣ ସରସ୍ୱତୀ ଜେନା, ମୁନି କାକୁଟି ଙ୍କୁ ପିନ୍ ଦିଆଯାଇ କ୍ଲବ କୁ ସ୍ୱାଗତ କରାଯାଇଥିଲା। ସେହିପରି ଡ଼ଃ ମଲ୍ଲଙ୍କ ନେତୃତ୍ୱରେ ଏକ ନୂତନ କାର୍ଯ୍ୟକାରୀ କମିଟି ର ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଫାଷ୍ଟ ଲେଡି ରୋଟାରିଆନ ରପ୍ରା, ଉପଦେଷ୍ଟା ରୋଟାରିଆନ ପିପି ଡ ଅଞ୍ଜନା

## କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍

ଜୟପୁର, ୪/୭(ନି/ପ୍ର): କୋରାପୁଟ ଜିଲାରେ କାମରେ ଲାଗୁନି ସରକାରୀ ବିଦ୍ୟାଳୟକୁ ଦିଆଯାଇଥିବା ଟ୍ୟାବ୍। କିଏ ଘରେ ପକାଇ ରଖିଛନ୍ତି ତ ଆଉ କିଏ ବିଦ୍ୟାଳୟ ଆଲମାରିରେ। ୩ ବର୍ଷ ତଳେ ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା। ଏହି ଯୋଜନା ତ୍ୱରାନ୍ୱିତ କରାଯାଇନଥିବାରୁ ଟ୍ୟାବ ଏବେ ଖେଳନା ଭଳି ପଡିରହିଛି। ତତ୍କାଳୀନ ସରକାର ନୂଆ ଯୋଜନା ଆରମ୍ଭ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଛାତ୍ର, ଛାତ୍ରୀ ମାନେ କିପରି ଡିଜିଟାଲ ଶିକ୍ଷଣ ପ୍ରଣାଳୀରେ ଗଣିତ, ଭାଷା ଓ ୟୁଟ୍ୟୁବରୁ ବିଭିନ୍ନ ଶିକ୍ଷାଲାଭ କରିବେ, ତାହାର ଏହାର ମୂଳ ଲକ୍ଷ୍ୟ ଥିଲା। ଏଥିଲାଗି ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଗୋଟିଏ ଲେଖାଏଁ ଟ୍ୟାବ୍ ଦିଆଯାଇଥିଲା। ଯେଉଁ ସ୍କୁଲରେ ଟିଭି ରହିଛି, ସେଥିରେ ଟ୍ୟାବ୍ ସଂଯୋଗ କରି ପିଲାଙ୍କୁ ଶିକ୍ଷା ଦେବାକୁ କୁହାଯାଇଥିଲା। ଟ୍ୟାବ୍ ମିଳିବାରୁ ଶିକ୍ଷକମାନେ ଖୁସି ହୋଇଯାଇଥିଲେ। ହେଲେ ଏଥିରେ ଏଭଳି ବ୍ୟବସ୍ଥା ଥିଲା ଯେ ଅନ୍ୟ ଟ୍ୟାବ୍ ଭଳି ହ୍ୱାଟ୍ସଆପ ଓ ଫେସବୁକ ବ୍ୟବହାର କରାଯାଇପାରିବ ନାହିଁ।

## ଶିକ୍ଷୟତ୍ରୀଙ୍କ ଅବସର ସମ୍ବର୍ଦ୍ଧନା

ଭଦ୍ରକ, ୪/୭(ନି/ପ୍ର): ଆଗରପଡ଼ା ସନ୍ନିକଟ ସିଦ୍ଧମରଚାଇ ସରକାରୀ ବାଳିକା ବିଦ୍ୟାଳୟ କାନପୁରର କ୍ରିଡ଼ା ଶିକ୍ଷୟତ୍ରୀ ପବିତ୍ରା ରାଉତ ଏବଂ ୪ର୍ଥ ଶ୍ରେଣୀ କର୍ମଚରୀ ସନ୍ଧ୍ୟାରାଣୀ ଖମାରୀ ଙ୍କୁ ଆଜି ଅବସର ସମ୍ବର୍ଦ୍ଧନା ଦିଆଯଇଛି। ଏ ନେଇ ଆୟୋଜିତ ସଭାକୁ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଗୋଷ୍ଠି ଶିକ୍ଷାଧିକାରୀ ରାଜୀବ କୁମାର ଦଳେଇ, ଓଷ୍ଟା ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ଘଡ଼େଇ, ଶିକ୍ଷକସଂଘ ନେତ୍ରୀ ସୁରଜୀତା ନାୟକ, ସଡ଼ଙ୍ଗ ସ୍କୁଲ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଲେଇ, ଅଶୋକ କୁମାର ନାହାକ, ଶିଶିର କୁମାର ବିଶ୍ୱାଳ, ସାଧନକେନ୍ଦ୍ର ସଂଯୋଜକ ବୁଦ୍ଧଦେବ ରାଉତ, ଶିକ୍ଷାବିତ ହରମୋହନ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷୟତ୍ରୀ ବନଲତା ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟତ୍ରୀ ପବିତ୍ରା ଦିଦି ଜଣେ ଆଦର୍ଶବାନ୍ କ୍ରୀଡ଼ା ଶିକ୍ଷୟତ୍ରୀ ଥିବା ବେଳେ ତାଙ୍କ ପାଖରୁ ପ୍ରଶିକ୍ଷଣ ପାଇ ବହୁ ଛାତ୍ରଛାତ୍ରୀ କ୍ରିଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିପାରିଥିବା କହିଥିଲେ।

## ସୁନ୍ଦରଗଡ଼ ଜିଲ୍ଲା ସମବାୟ ବ୍ୟାଙ୍କ ରାଜଗାଙ୍ଗପୁର ଶାଖାର ମ୍ୟାନେଜେରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା



ରାଜଗାଙ୍ଗପୁର,୪/୭(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲା ସମବାୟ ବ୍ୟାଙ୍କ ରେ ବିଗତ ଦୁଇ ବର୍ଷରୁ ମ୍ୟାନେଜର ପଦବୀ ରେ ଅବସ୍ଥାପିତ ଥିବା ଶ୍ରୀ ଦିଲ୍ଲୀପ କୁମାର ତନ୍ତୀଙ୍କର ବଡ଼ଗାଁ ଶାଖା କୁ ବଦଳି ହୋଇ ଯାଇଛି। ଏହି ଅବସରରେ ଆଜି ବ୍ୟାଙ୍କର ସମସ୍ତ କର୍ମଚାରୀ ବୃନ୍ଦ ଓ ବହୁ ବ୍ୟାଙ୍କ ଗ୍ରାହକଙ୍କ ଉପସ୍ଥିତିରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ତାଙ୍କର କର୍ମମୟ ଜୀବନ ସୁନ୍ଦର, ସୁଖମୟ ହେଉ ବୋଲି ସମସ୍ତ କର୍ମଚାରୀ ଓ ଶୁଭେଚ୍ଛୁ କାମନା କରିଥିଲେ। ତାଙ୍କ କାର୍ଯ୍ୟକାଳରେ ବ୍ୟାଙ୍କ ଭଲ ପରିଚାଳନା କରିବା ସହ ସେ ବହୁ ଲୋକଙ୍କର ପ୍ରଶଂସାର ପାତ୍ର ହୋଇ ପାରିଥିଲେ। ସେ ଜଣେ କର୍ମତତ୍ପର, ମିଷ୍ଟଭାଷୀ, ପରୋପକାରୀ, ଦୟାଳୁ ଲୋକ ଥିଲେ। ସେ ଅଳ୍ପ ଦିନ ଭିତରେ ବହୁ ଲୋକଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ। ଏହି ଅବସରରେ ବ୍ୟାଙ୍କରେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଦାୟ ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ମ୍ୟାନେଜର ଶ୍ରୀଯୁକ୍ତ ତାରାଚାନ୍ଦ ପଟ୍ଟନାୟକ, ମୀନକେତନ ଦାସ, ଜଗନ୍ନାଥ ପାତ୍ର, ସ୍ୱସ୍ତିକ ସାହୁ, ସୌଭାଗିନୀ ପାଣ୍ଡେ, ଅଶୋକ ମଲ୍ଲିକ୍, ହିମାଂଶୁ ସିଂ, ରବୀନ୍ଦ୍ର ମହାରଣା, ଗିରିଜା ପ୍ରସାଦ ସାମଲ, ସୁଶୀଲ ବାଗ, ପ୍ରଫିଲା ଏକ୍କା, ସନ୍ମତି କୁଜୁର, ମନୀଷ କୁମାର ରାଉତ୍, ଚନ୍ଦ୍ର ତନ୍ତୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସମସ୍ତ ସହକର୍ମୀ ତାଙ୍କର ଏହି ବିଦାୟ କାଳୀନ ଉତ୍ସବରେ ଏକ ପ୍ରକାର ଭାବ ବିହ୍ୱଳ ପରିସ୍ଥିତି ସୃଷ୍ଟି ହେବା ସହ ଅଶ୍ରୁମୟ ପରିବେଶ ପରିଲକ୍ଷିତ ହୋଇଥିଲା। ତାଙ୍କ କାର୍ଯ୍ୟକାଳରେ ବ୍ୟାଙ୍କ ଭଲ ପରିଚାଳନା କରିବା ସହ ସେ ବହୁ ଲୋକଙ୍କର ପ୍ରଶଂସାର ପାତ୍ର ହୋଇ ପାରିଥିଲେ।

## ଆରଏସପି ସମ୍ପ୍ରସାରଣ ପାଇଁ ସ୍ଥାନାନ୍ତରିତ ହୋଇଥିବା ପରିବାରଗୁଡ଼ିକୁ ୨୦.୭୨ କୋଟିରୁ ଅଧିକ ଟଙ୍କା ପ୍ରଦାନ :

## ୧୭୫ ଜଣ ବ୍ୟକ୍ତିଙ୍କୁ ଚୁକ୍ତିଭିତିକ ନିଯୁକ୍ତି ପ୍ରଦାନ



ରାଉରକେଲା,୪/୭(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ନିଜ ଜମିରେ ଥିବା କୁଟୀର ଗୁଡିକ ରେ ରହୁଥିବା ପରିବାରଗୁଡ଼ିକ ପାଇଁ ପୁନର୍ବାସ ଏବଂ ସ୍ଥାନାନ୍ତରଣ ସହାୟତାକୁ ତ୍ୱରାନ୍ୱିତ କରିଛି, ଯାହାକି ଏବେ ଏହାର ଭବିଷ୍ୟତର ସମ୍ପ୍ରସାରଣ ପାଇଁ ବ୍ୟବହୃତ ହେବ। ବିଶେଷ ଭାବରେ, ଏହି ଜମିରେ ଏକ ପ୍ରମୁଖ ଗ୍ରୀନଫିଲ୍ଡ ପ୍ରକଳ୍ପ ସ୍ଥାପନ କରାଯିବ, ଯାହା କାରଖାନାର ସମଗ୍ର ଉତ୍ପାଦନ କ୍ଷମତାକୁ ଦୁଇ ଗୁଣରୁ ଅଧିକ କରିବା ପାଇଁ ଏକ ପ୍ରକ୍ରିୟା ଅଟେ। ଜୁନ୍ ୩୦ ତାରିଖ ସୁଦ୍ଧା, ରାଉରକେଲା ଇସ୍ପାତ କାରଖାନା ୫୦୩ ଟି ପ୍ରଭାବିତ ପରିବାରକୁ କ୍ଷତିପୂରଣ ବାବଦରେ ୨୦.୭୨ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛି। ଆର୍ଥିକ ସହାୟତା ବ୍ୟତୀତ, କାରଖାନା ଚୁକ୍ତିଭିତିକ ସଂସ୍ଥାଗୁଡ଼ିକ ମାଧ୍ୟମରେ ଏହି ପରିବାରର ୧୭୫ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ମଧ ପ୍ରଦାନ କରିଛି, ଯାହା ସେମାନଙ୍କୁ ଆୟର ଏକ ସ୍ଥିର ମାଧ୍ୟମ ଯୋଗାଇ ଦେଇଛି। ଏହି ପ୍ରତ୍ୟେକ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମାସିକ ପ୍ରାରମ୍ଭିକ ଦରମା ୨୨,୫୦୦ ଟଙ୍କା ମିଳୁଛି, ଏହା ସହିତ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଲାଭ ଏବଂ ଚିକିତ୍ସା ସୁବିଧା ମଧ ପ୍ରଦାନ କରାଯାଉଛି। ଏକ ସହଜ ସ୍ଥାନାନ୍ତରଣ ସୁନିଶ୍ଚିତ କରିବା ପାଇଁ, ପୂର୍ବରୁ ୩୦୦ ଟି କୁଟୀର ରେ ରହୁଥିବା ପରିବାରଗୁଡ଼ିକୁ ସଫଳତାର ସହ ଅସ୍ଥାୟୀ ସ୍ଥାନାନ୍ତରଣ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଛି। ଏଥି ସହିତ, ରାଉରକେଲା ଇସ୍ପାତ କାରଖାନା, ଦେଓଗାଁ ନିକଟରେ ଏକ ପ୍ରମୁଖ ସ୍ଥାନକୁ ସମ୍ପୂର୍ଣ୍ଣ ସୁବିଧାଯୁକ୍ତ ଆବାସିକ ପ୍ଲଟ୍ ଭାବରେ ବିକଶିତ କରୁଛି। ଏହି ସ୍ଥାନଗୁଡ଼ିକରେ ସଡ଼କ ସଂଯୋଗୀକରଣ, ଜଳ ନିଷ୍କାସନ, ବିଦ୍ୟୁତ ଏବଂ ଜଳ ଯୋଗାଣ ସହିତ ବ୍ୟାପକ ଭିତିଭୂମି ଉପଲବ୍ଧ ହେବ ଏବଂ ସେମାନଙ୍କର ସ୍ଥାୟୀ ଘର ନିର୍ମାଣ ପାଇଁ ପରେ ଏହା ପରିବାରଗୁଡ଼ିକୁ ହସ୍ତାନ୍ତର କରାଯିବ। ସ୍ଥାନୀୟ ସମୁଦାୟର ସ୍ୱାର୍ଥ ରକ୍ଷା ସହିତ ସାମଞ୍ଜସ୍ୟ ରଖି ଶିଳ୍ପ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ପାଇଁ ରାଉରକେଲା ଇସ୍ପାତ କାରଖାନା ସଦା ସର୍ବଦା ସମର୍ପିତ। ସୁଦୃଢ଼ ଭିତିଭୂମି ବିକାଶ ସହିତ ତୁରନ୍ତ ଆର୍ଥିକ କ୍ଷତିପୂରଣକୁ ସମନ୍ୱିତ କରି, କାରଖାନା ଏହି ସମ୍ପ୍ରସାରଣ ଦ୍ୱାରା ପ୍ରଭାବିତ ସମସ୍ତ ପରିବାର ପାଇଁ ଏକ ସ୍ଥିର ଏବଂ ସମୃଦ୍ଧ ଭବିଷ୍ୟତ ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ।